# DAV PUBLIC SCHOOLS, ODISHA

## (ZONE-II)

## EXAMINATION (TERM-I) 2021-22

## QUESTION BANK

# ଓଡ଼ିଆ

# CLASS-X

MCQS

## DAV PUBLIC SCHOOLs , ODISHA (ZONE – II)

## QUESTION BANK , SESSION 2021-22

## CLASS – X ( TERM 1)

**ଅପଠିତ ଗଦ୍ୟାଂଶ**

**୧) ନିମ୍ନଲିଖିତ ଅନୁଚ୍ଛେଦଟି ପାଠ କରି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ | (1×5=5)**

ଠିକ ସମୟରେ ଠିକ କାମ କରିବା ହେଉଛି ସମାୟାନୁବର୍ତ୍ତିତା ।ଯେଉଁମାନେ ଏହା ସଂପନ୍ନ କରିପାରନ୍ତି ସେମାନଙ୍କୁ ସମାୟାନୁବର୍ତ୍ତୀ ବୋଲି କୁହାଯାଏ ।ଗାନ୍ଧିଜୀ ଥିଲେ ଜଣେ ଅତି ଉଚ୍ଚକୋଟୀର ସମାୟାନୁବର୍ତ୍ତୀ ।ସେ କହୁଥିଲେ –' ସମୟ ହିଁ ସାକ୍ଷାତ ଭଗବାନ '।ସମୟକୁ ଅସମ୍ମାନ କରିବା ଅର୍ଥ ଈଶ୍ୱରଙ୍କୁ ଅସମ୍ମାନ ପ୍ରଦର୍ଶନ କରିବା ।ଇଂରେଜମାନେ ଏହି ଗୁଣଟି ଉପରେ ପ୍ରାଧାନ୍ୟ ଦେଉଥିଲେ ।ଭାରତୀୟମାନେ ସମାୟାନୁବର୍ତ୍ତୀ କ୍ଷେତ୍ରରେ ଯଥେଷ୍ଟ ଦୁର୍ବଳ ହୋଇଥିବାରୁ ଅନେକ ସ୍ଥଳରେ ନିନ୍ଦିତ ହୋଇଥାନ୍ତି ।ପରିତାପର ବିଷୟ ,ଆଜିର ଯୁବ ସମାଜ ସମୟର ଗୁରୁତ୍ୱ ବୁଝୁ ନାହାନ୍ତି । କାମରେ ବିଳମ୍ବ ହେଲେ ଦୁର୍ନୀତି ଜନ୍ମ ନିଏ । ଦୁର୍ନୀତି କେବଳ ଆର୍ଥିକ ବ୍ୟାପାର ସମ୍ବନ୍ଧୀୟ ନୁହେଁ । କର୍ମ କ୍ଷେତ୍ରରେ ଅବହେଳା ,ସମୟର ଆତ୍ମସମ୍ମାନ ଯୋଗୁଁ ଦୁର୍ନୀତି ଜନ୍ମ ନେଇଥାଏ ।ଯିଏ ଯେଉଁ କ୍ଷେତ୍ରରେ କର୍ମ କରନ୍ତୁ ପଛକେ ,ସମ୍ମାନବୋଧର ସହ କର୍ମ ସମ୍ପାଦନ କରିବା ଆବଶ୍ୟକ ।ଉଚିତ ସମୟ ସୀମା ମଧ୍ୟରେ କର୍ତ୍ତବ୍ୟ ଠିକଣା ଢଙ୍ଗରେ ତୁଲାଇଲେ ,ଦୁର୍ନୀତି ଆପଣା ଛାଏଁ କମିଯାଇପାରିବ । ସମୟକୁ ଖାତିର କରୁଥିବା ବ୍ୟକ୍ତି ନିଜର କେବଳ କ୍ଷତି ସାଧନ କରି ନ ଥାଏ ,ଜାତୀୟ ସମ୍ମାନରେ ମଧ୍ୟରେ ଆଞ୍ଚ ଆଣିଥାଏ । ସେଥିପାଇଁ ସମଗ୍ର ପୃଥିବୀ ସମୟର ଇଙ୍ଗିତରେ ପରିଚାଳିତ ହୋଇଥାଏ ବୋଲି ମନୀଷୀଗଣ ମତବ୍ୟକ୍ତ କରିଥାନ୍ତି ।

**ପ୍ରଶ୍ନାବଳୀ**

୧) କେଉଁମାନଙ୍କୁ ସମାୟାନୁବର୍ତ୍ତୀ କୁହାଯାଏ ?

କ) ଯେଉଁମାନେ ଶୃଙ୍ଖଳିତ     ଖ) ଯେଉଁମାନେ ଠିକ ସମୟରେ ଠିକ କାମ କରନ୍ତି

ଗ) ଯେଉଁମାନେ ବିଶୃଙ୍ଖଳିତ     ଘ) ଯେଉଁମାନେ ଠିକ ସମୟରେ ଠିକ କାମ କରନ୍ତି ନାହିଁ

୨) ଦୁର୍ନୀତି କିପରି ଜନ୍ମ ନିଏ ?

କ)ଟଙ୍କାପଇସା ଆତ୍ମସାତ୍ କଲେ     ଖ) କାମରେ ବିଳମ୍ବ ହେଲେ

ଗ)ଅନ୍ୟର ଅପକାର କଲେ     ଘ)ଅନ୍ୟକୁ ସାହାଯ୍ୟ ନ କଲେ

୩)ସମୟ ସମ୍ପର୍କରେ ଗାନ୍ଧିଜୀ କ’ଣ କହୁଥିଲେ ?

କ) ସମୟ ହିଁ ସାକ୍ଷାତ ଭଗବାନ     ଖ) ସମୟ ହିଁ ସାକ୍ଷାତ ଗୁରୁ

ଗ) ସମୟ ହିଁ ସାକ୍ଷାତ ବନ୍ଧୁ     ଘ) ସମୟ ହିଁ ସାକ୍ଷାତ ଉପକାରୀ

୪) ଇଂରେଜମାନେ କେଉଁ ଗୁଣ ଉପରେ ପ୍ରାଧାନ୍ୟ ଦେଉଥିଲେ ?

କ)ସ୍ୱାଧୀନତା ଛଡାଇ ନେବା ଖ)ଅତ୍ୟାଚାର କରିବା

ଗ)ସମାୟାନୁବର୍ତ୍ତିତା ଘ)ନିଷ୍ଠୁର ବ୍ୟବହାର

୫)ଭାରତୀୟମାନେ କାହିଁକି ନିନ୍ଦିତ ହୋଇଥାନ୍ତି?

କ)ଭୀରୁ ହୋଇଥିବାରୁ ଖ) ଦୁର୍ନୀତି କରୁଥିବାରୁ

ଗ) ସମାୟାନୁବର୍ତ୍ତି ହୋଇ ନ ଥିବାରୁ ଘ) ଅନ୍ୟର କ୍ଷତି କରୁଥିବାରୁ

୬) ସମୟକୁ ନେଇ ମନୀଷୀଗଣ କେଉଁ ମତ ପୋଷଣ କରିଥାନ୍ତି ?

କ)ସମସ୍ତେ ସ୍ୱାଧୀନ ଭାବରେ ପରିଚଳିତ ଖ)ସମସ୍ତେ ଅଦୃଶ୍ୟ ଇଙ୍ଗିତରେ ପରିଚାଳିତ

ଗ)ସମସ୍ତେ ନିଜ ଶକ୍ତିରେ ପରିଚାଳିତ ଘ)ସମସ୍ତେ ସମୟର ଇଙ୍ଗିତରେ ପରିଚାଳିତ

୭) ଦୁର୍ନୀତି କିପରି କମିଯିବ ?

କ)ସମୟ ସୀମା ମଧ୍ୟରେ କର୍ତ୍ତବ୍ୟ କଲେ ଖ) ଲୋକମାନଙ୍କୁ ଭୟଭୀତ କରାଇଲେ

ଗ)ଲୋକମାନଙ୍କୁ ଦଣ୍ଡ ଦେଲେ ଘ)ଲୋକମାନଙ୍କୁ ବୁଝାଇ କହିଲେ

**୨) ନିମ୍ନଲିଖିତ ଅନୁଚ୍ଛେଦଟି ପାଠ କରି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ | (1×5=5)**

ବିଜ୍ଞାନ ଯୁଗରେ ସାହିତ୍ୟ ଅଧ୍ୟୟନ ପ୍ରତି ପିଲାମାନଙ୍କର ଆଗ୍ରହ କ୍ରମଶଃ କମି କମି ଯାଉଛି ।ଯେଉଁ ଆଡ଼କୁ ଚାହିଁଲେ ଆଖି ଆଗରେ ପଡୁଛି ବିଜ୍ଞାନର ଚମତ୍କାରିତା ।ବିଜ୍ଞାନକୁ କୁହାଯାଉଛି ନୂତନ ଯୁଗର ବିଶ୍ୱକର୍ମା ।ପେଟ ପାଇଁ ଗଣ୍ଡିଏ ଦାନା ଯୋଗାଡ଼ କରିବାକୁ ପିଲାଏ ଯନ୍ତ୍ର ପଛରେ ଧାଉଁଛନ୍ତି । ମନକୁ ଖାଦ୍ୟ ଯୋଗାଇବାକୁ ଆଗଭର ହେଉନାହାନ୍ତି ।ଫଳରେ ମନରୁ ସ୍ନେହ , ଶ୍ରଦ୍ଧା ଓ ପ୍ରେମ ସବୁ କିଛି ହଜିଯାଇଛି । ଦୁନିଆଁଟା ଶୁଷ୍କ ମନେ ହେଉଛି । ଲାଗୁଛି , ସତେ ଯେମିତି ପଇସା ରୋଜଗାର କରିବା ଜୀବନର ଏକମାତ୍ର ଲକ୍ଷ୍ୟ ।ହେଲେ , ବଞ୍ଚିବାର ଲକ୍ଷ୍ୟ ପଇସା ରୋଜଗାର ନୁହେଁ, ଆନନ୍ଦ ପ୍ରାପ୍ତି ; ଏ କଥା ମଣିଷ ବୁଝି ବି ବୁଝି ପାରୁନାହିଁ ।ଜୀବନରେ ଆନନ୍ଦବୋଧ ନ ଥିଲେ ସେ କି ଜୀବନ ! ମଣିଷକୁ ଶ୍ରେଷ୍ଠ ଜୀବ ଭାବରେ ବିଧାତା ଗଢ଼ିଛି ,ସଂସାରରେ କିଛି ଭଲ କାମ କରିବାକୁ ।ମାତ୍ର, ବୁଦ୍ଧିମାନ ମଣିଷ କରୁଛି କ'ଣ ? ଅର୍ଥ ,ସମ୍ମାନ, ପ୍ରତିପତ୍ତି ପଛରେ ପାଗଳ ପରି ଧାଇଁ ମୂଲ୍ୟବାନ ଜୀବନ ସାରି ଦେଉଛି । ଅନ୍ୟ ସହ ଅଯଥା ତୁଳନା କରି ନିଜ ଜୀବନର ମର୍ଯ୍ୟାଦାକୁ ଚରମ ଅପମାନ ଦେଉଛି ।ନିଜେ ସୁଖରେ ରହିବା ସହ ଅନ୍ୟକୁ ଭଲରେ ବଂଚିବାରେ ସହାୟତା କରିବା ପ୍ରତିଟି ମଣିଷର ଧର୍ମ ହେବା ଉଚିତ ।ଏହା ନ କଲେ , ସୃଷ୍ଟିରେ ଶ୍ରେଷ୍ଠ ଜୀବ ବୋଲି ଦାବି କରିବାର ଅଧିକାର ତା'ର ରହିବ ନାହିଁ ।

**ପ୍ରଶ୍ନାବଳୀ** -- ୧)ବିଜ୍ଞାନକୁ ଏବେ କ'ଣ କୁହାଯାଉଛି ?

କ) ନୂତନ ଯୁଗର ନିର୍ମାତା                    ଖ)  ନୂତନ ଯୁଗର ଭଗବାନ

ଗ) ନୂତନ ଯୁଗର ବିଶ୍ୱକର୍ମା                    ଘ)  ନୂତନ ଯୁଗର ସୃଷ୍ଟି କର୍ତ୍ତା

୨) ସାହିତ୍ୟ ପ୍ରତି ପିଲାମାନଙ୍କର ଆଗ୍ରହ କାହିଁକି କମିଯାଉଛି ?

କ) ବିଜ୍ଞାନର ଚମତ୍କାରିତା ଦେଖି                    ଖ) ବିଜ୍ଞାନର ଅପକାରିତା ଦେଖି

ଗ) ସାହିତ୍ୟ ଶୁଷ୍କ ମନେ ହୋଇଛି                    ଘ) ପେଟ ପାଇଁ ଚିନ୍ତା କରି

୩)କେଉଁଟି ମଣିଷ ଜୀବନର ପ୍ରକୃତ ଲକ୍ଷ୍ୟ ଯାହା  ସେ ବୁଝିପାରୁନାହିଁ ?

କ)ପଇସା ରୋଜଗାର                    ଖ) ଆନନ୍ଦ ପ୍ରାପ୍ତି

ଗ)ଅନ୍ୟକୁ ନିୟନ୍ତ୍ରଣ କରିବା                    ଘ) ରାଜ୍ୟ ଜୟ କରିବା

୪)ମଣିଷ କେତେବେଳେ ନିଜ ଜୀବନର ମର୍ଯ୍ୟାଦାକୁ ଅପମାନିତ କରିଥାଏ ?

କ) ଧର୍ମ ତ୍ୟାଗ କରି                    ଖ)ପଇସା ରୋଜଗାର କରି

ଗ)ଆନନ୍ଦରେ ରହି                    ଘ) ଅନ୍ୟ ସହ ଅଯଥା ତୁଳନା କରି

୫) ମନୁଷ୍ୟର ପ୍ରକୃତ ଧର୍ମ କ'ଣ ହେବା ଉଚିତ ?

କ)ଅର୍ଥ ରୋଜଗାର କରି                    ଖ)ବିଳାସ ବ୍ୟସନ

ଗ) ଅଧ୍ୟୟନ କରିବା       ଘ) ନିଜେ ଭଲରେ ରହିବା ସହ ଅନ୍ୟକୁ ଭଲରେ ବଂଚିବାରେ ସହାୟତା କରିବା

୬) ବିଧାତାଙ୍କ ସଂସାରରେ କିଏ ଶ୍ରେଷ୍ଠ ଜୀବ ?

କ)ପଶୁପକ୍ଷୀ          ଖ)ମଣିଷ          ଗ) ବ୍ରାହ୍ମଣ          ଘ) କୀଟ ପତଙ୍ଗ

୭) ମଣିଷ କାହା ପଛରେ ପାଗଳ ପରି ଧାଉଁଛି  ?

କ) ଅର୍ଥ, ସମ୍ମାନ, ପ୍ରତିପତ୍ତି          ଖ)ଭଗବାନ          ଗ)ପଶୁ ପକ୍ଷୀ          ଘ) ବିଜ୍ଞାନ

**୩) ନିମ୍ନଲିଖିତ ଅନୁଚ୍ଛେଦଟି ପାଠ କରି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ  | (1×5=5)**

ମନୁଷ୍ୟ ଏକ ସାମାଜିକ ଜୀବ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଜୀବମାନଙ୍କଠାରୁ ଅନେକାଂଶରେ ଭିନ୍ନ ।ମନୁଷ୍ୟ ପାଖରେ ମନ,ବୁଦ୍ଧି ଓ ବିବେକବୋଧ ରହିଛି ଯାହା ଅନ୍ୟ ଜୀବଜନ୍ତୁମାନଙ୍କ ପାଖରେ ବିକଶିତ ହୋଇନାହିଁ ।ଭଲ ମନ୍ଦ, ଠିକ ଭୁଲ, ଉଚିତ ଅନୁଚିତ ଆଦି ବିଚାର କରିବାର ଅଦ୍ଭୁତ କ୍ଷମତା ମନୁଷ୍ୟ ପାଖରେ ରହିଛି ।ତା'ର ଆଉ ଏକ ବିଶେଷତ୍ୱ ହେଲା – ସେ କ୍ରମ ଉନ୍ନତିଶୀଳ। ବିବର୍ତ୍ତନ ଧାରାରେ ମନୁଷ୍ୟ ସବୁବେଳେ ଅଗ୍ରଗାମୀ ହୋଇଛି ।ଅତୀତର ତିକ୍ତ ଅଭିଜ୍ଞତାକୁ ପଛରେ ଛାଡ଼ି ସେ ଆଗେଇ ଯାଉଛି  ଅନାଗତ ଭବିଷ୍ୟତ ଆଡ଼କୁ ।ଅଥଚ ପାଶବିକତା ଠାରୁ ସେ ସମ୍ପୂର୍ଣ୍ଣ ଦୂରେଇ ଆସିଛି ବୋଲି ମଧ୍ୟ କୁହାଯାଇ ପାରିବନାହିଁ। ସ୍ଥଳ

ବିଶେଷରେ , ମନୁଷ୍ୟ ଭିତରେ ସାମଧି ନେଇଥିବା ପଶୁପଣିଆ ପୁଣି ଜୀବନ୍ୟାସ ପାଇ ଉଠି ଆସୁଛି । ସେହି ପଶୁପଣିଆର ପ୍ରଭାବରେ ବୁଦ୍ଧି ବୃତ୍ତି ଲୋପ ପାଇଯାଏ ,ମନୁଷ୍ୟ ଅଜ୍ଞାନ ପରି ଆଚରଣ କରେ ।ତା'ର କୁକର୍ମ ଯୋଗୁଁ ଅନ୍ୟମାନେ ଗଭୀର ଭାବରେ ପ୍ରଭାବିତ ହୋଇଥାନ୍ତି ।ସହନଶୀଳତା ଓ ଗ୍ରହଣଶୀଳତାର ଅଭାବ ଏହି ଇତର ପ୍ରବୃତ୍ତିରୁ ହିଁ ଜନ୍ମ ନେଇଥାଏ । ବୌଦ୍ଧିକ ସମାଜର ସ୍ୱପ୍ନ ଦେଖୁଥିବା ମଣିଷକୁ ସର୍ବ ପ୍ରଥମେ ଏହି ଦୁର୍ଗୁଣ ସବୁକୁ ପରିହାର କରିବାକୁ ପଡିବ । ଆଲୋକ ଓ ଅନ୍ଧକାରର ଏକତ୍ର ଅବସ୍ଥାନ ଯେମିତି ଅସମ୍ଭବ, ସେହିପରି ଭଲପଣିଆ ଓ ମନ୍ଦପଣିଆର ଏକାଠି ରହଣି ଅସମ୍ଭବ |

**ପ୍ରଶ୍ନାବଳୀ**

୧)ପଶୁପଣିଆର ପ୍ରଭାବରେ ମନୁଷ୍ୟର ସ୍ୱଭାବ କିପରି ବଦଳି ଯାଏ ?

କ) ପଶୁକୁ ଶ୍ରଦ୍ଧା କରେ	ଖ)ବୁଦ୍ଧି ବୃତ୍ତି ଲୋପ ପାଇଯାଏ, ଅଜ୍ଞାନ ପରି ଆଚରଣ କରେ

ଗ) ସନ୍ନ୍ୟାସୀ ପରି ଆଚରଣ କରେ	ଘ)ସାଧାରଣ ଜନତା ପରି ଆଚରଣ କରେ

୨) ଅନ୍ୟ ଜୀବମାନଙ୍କଠାରୁ ମନୁଷ୍ୟ କିପରି ଭିନ୍ନ ?

କ) ମନ ,ବୁଦ୍ଧି ,ବିବେକ ମନୁଷ୍ୟର ଅଛି	ଖ) ଧନ ,ଜନ, ପ୍ରତିପତ୍ତି ଅଛି

ଗ) ରୂପ ସୌନ୍ଦର୍ଯ୍ୟ ଅଛି	ଘ) ବନ୍ଧୁ ବାନ୍ଧବ ଅଛନ୍ତି

୩) ଇତର ପ୍ରବୃତ୍ତି କାହାକୁ ଜନ୍ମ ଦେଇଥାଏ ?

କ) ଇତର ମନୁଷ୍ୟ	ଖ) ଧାର୍ମିକ ଚେତନା

ଗ) ବୁଦ୍ଧି ବୃତ୍ତି ଲୋପ	ଘ) ସହନଶୀଳତା ଓ ଗ୍ରହଣଶୀଳତାର ଅଭାବ

୪) ମନୁଷ୍ୟ ପାଖରେ କେଉଁ ଅଦ୍ଭୁତ କ୍ଷମତା ରହିଛି ?

କ) ବିଜ୍ଞାନ	ଖ) ପାଶବିକତା	ଗ) ଭଲ ମନ୍ଦ, ଉଚିତ ଅନୁଚିତ ବିଚାର	ଘ) ଅଭିଜ୍ଞତା

୫) ଭଲପଣିଆ ଓ ମନ୍ଦପଣିଆକୁ କାହା ସହିତ ତୁଳନା କରାଯାଇଛି ?

କ) ଆଲୋକ ଓ ଅନ୍ଧାର	ଖ) ମଣିଷ ଓ ପଶୁ

ଗ) ବୁଦ୍ଧି ଓ ବିବେକ	ଘ) ସୁକର୍ମ ଓ କୁକର୍ମ

୬)ମନୁଷ୍ୟର ଆଉ ଏକ ବିଶେଷତ୍ୱ କ'ଣ ?

କ) ସାମାଜିକ ପ୍ରାଣୀ	ଖ)କ୍ରମ ଉନ୍ନତିଶୀଳ	ଗ)ପରୋପକାରୀ	ଘ)ବିବେକୀ

୭) ମନୁଷ୍ୟ ଅନାଗତ ଭବିଷ୍ୟତ ଆଡକୁ ଆଗେଇ ଯାଉଥିଲେ ମଧ୍ୟ କେଉଁଥିରୁ ଦୂରେଇ ଆସିଛି ବୋଲି କୁହାଯାଇ ପାରିବନାହିଁ ?

କ) ମାନବିକତା ଖ) ପାଶବିକତା ଗ) ମହାନୁଭବତା ଘ) ସମାଜ

**୪)ନିମ୍ନଲିଖିତ ଅନୁଚ୍ଛେଦଟି ପାଠ କରି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ | (1×5=5)**

ଆମୋଦ ପ୍ରମୋଦ ବ୍ୟତୀତ ଚଳଚ୍ଚିତ୍ରର ଶିକ୍ଷା କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ଉପଯୋଗିତାକୁ ଅସ୍ୱୀକାର କରି ହେବ ନାହିଁ | ଚଳଚ୍ଚିତ୍ର ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ଶ୍ରେଷ୍ଠ ଶିକ୍ଷା ବୋଲି ଜ୍ଞାନ କରି ପାଶ୍ଚାତ୍ୟ ଦେଶରେ ଫିଲ୍ମ ସ୍କୁଲମାନ ପ୍ରତିଷ୍ଠା କରାଯାଇଛି | ଆମେରିକା , ଜର୍ମାନ , ସୋଭିଏତ୍ ଋଷ ପ୍ରଭୃତି ରାଷ୍ଟ୍ରର ବିଦ୍ୟାଳୟମାନଙ୍କରେ ଭୂଗୋଳ ,ଇତିହାସ , ଜୀବ ବିଜ୍ଞାନ ପ୍ରଭୃତିରେ ଅତ୍ୟନ୍ତ ସହଜ ଓ ସରସ ଭାବରେ ଶିକ୍ଷା ଦିଆଯାଇ ଛାତ୍ରମାନଙ୍କର ପ୍ରତ୍ୟକ୍ଷ ଜ୍ଞାନକୁ ଅଭିବୃଦ୍ଧି କରାଯାଇଛି | ଏହା ବ୍ୟତୀତ ବିଭିନ୍ନ ବୃତ୍ତିମୂଳକ ଅନୁଷ୍ଠାନମାନଙ୍କରେ ତଦନୁରୂପ ଚିତ୍ର ପ୍ରଦର୍ଶନ କରାଯାଇ ଛାତ୍ରମାନଙ୍କର ଭବିଷ୍ୟତ କର୍ମ ସଂସ୍ଥାନର ପଥ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରାଯାଉଛି | ବାଣୀଚିତ୍ର ମାଧ୍ୟମରେ ଅଗ୍ରଗାମୀ ପାଶ୍ଚାତ୍ୟ ଦେଶମାନଙ୍କରେ ଲୋକ ଚରିତ୍ର ଗଠନ ଓ ବ୍ୟାପକ ଜନଶିକ୍ଷା ପ୍ରସାରର ପରିକଳ୍ପନା ସଫଳ ହୋଇଛି |ଜନସାଧାରଣଙ୍କର ନୈତିକତାମାନର ପରିବର୍ଦ୍ଧନ ତଥା ମହାପୁରୁଷମାନଙ୍କର ମହତ୍ତର ଜୀବନୀ ସଂକ୍ରାନ୍ତୀୟ ଚିତ୍ରମାନ ନିର୍ମାଣ କରାଯାଇ ରାଷ୍ଟ୍ରୀୟ ଚରିତ୍ରକୁ ସଂଗଠିତ କରିବା ସଙ୍ଗେ ସଙ୍ଗେ ସେହି ମହାନୁଭାବତା ଜାତୀୟତା ତଥା ଆଧ୍ୟାତ୍ମିକବୋଧତା ଦିଗରେ ଲୋକମାନଙ୍କୁ ପ୍ରଭାବିତ କରାଯାଉଛି |

**ପ୍ରଶ୍ନାବଳୀ**

୧)ଆମେମାନେ ସାଧାରଣତଃ ଚଳଚ୍ଚିତ୍ରକୁ କି ଉପାଦାନ ରୂପେ ବ୍ୟବହାର କରିଥାଉ ?

କ)ବ୍ୟାୟାମ ଖ)ଆମୋଦ ପ୍ରମୋଦ ଗ)କ୍ରୀଡା ଘ)ଯୋଗ

୨) ପାଶ୍ଚାତ୍ୟ ଦେଶରେ ଫିଲମ୍ ସ୍କୁଲମାନ ପ୍ରତିଷ୍ଠାର ଲକ୍ଷ୍ୟ କ'ଣ ?

କ) ଆମୋଦ ପ୍ରମୋଦ ଖ)ପ୍ରତିଯୋଗିତା ଗ)ଶିକ୍ଷା ପ୍ରଦାନ ଘ)ବିଜ୍ଞାପନ ପ୍ରଦର୍ଶନ

୩) ଚଳଚ୍ଚିତ୍ର ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ଶ୍ରେଷ୍ଠ ଶିକ୍ଷା ବୋଲି ଜ୍ଞାନ କରି ପାଶ୍ଚାତ୍ୟ ଦେଶରେ କ'ଣ ପ୍ରତିଷ୍ଠା କରାଯାଇଛି?

କ) ବିଦ୍ୟାଳୟ ଖ)ଯୋଗ କେନ୍ଦ୍ର ଗ) ଫିଲ୍ମ ସ୍କୁଲ ଘ)ଧର୍ମ କେନ୍ଦ୍ର

୪) କାହା ମାଧ୍ୟମରେ ଅଗ୍ରଗାମୀ ପାଶ୍ଚାତ୍ୟ ଦେଶମାନଙ୍କରେ ଲୋକ ଚରିତ୍ର ଗଠନ ଓ ବ୍ୟାପକ ଜନଶିକ୍ଷା ପ୍ରସାରର ପରିକଳ୍ପନା ସଫଳ ହୋଇଛି ?

କ) ବାଣୀଚିତ୍ର ଖ) ଚଳଚ୍ଚିତ୍ର ଗ)ବିଜ୍ଞାପନ ଘ)ଗଣମାଧ୍ୟମ

୫) ମହାପୁରୁଷମାନଙ୍କର ମହତ୍ତର ଜୀବନୀ ସଂକ୍ରାନ୍ତୀୟ ଚିତ୍ରମାନ ପ୍ରଦର୍ଶନ କରାଯାଇ କ'ଣ ଲାଭ ମିଳୁଛି ?

କ)ଏକତା ଖ) ରାଷ୍ଟ୍ରୀୟ ଚରିତ୍ର ଗଠନ ଗ)ମନୋରଞ୍ଜନ ଘ) ପ୍ରତିଯୋଗିତା

୬) ରାଷ୍ଟ୍ରୀୟ ଚରିତ୍ରକୁ ସଂଗଠିତ କରିବା ସଙ୍ଗେ ସଙ୍ଗେ ଆଉ କେଉଁ କ୍ଷେତ୍ରରେ ଏହା ଲୋକମାନଙ୍କୁ ପ୍ରଭାବିତ କରୁଛି ?

କ)ବ୍ୟାୟାମ ଖ) ଆଧ୍ୟାତ୍ମିକବୋଧତା ଗ)ଆମୋଦ ପ୍ରମୋଦ ଘ)ଯୋଗ

୭) ବୃତ୍ତିମୂଳକ ଅନୁଷ୍ଠାନମାନଙ୍କରେ ତଦନୁରୂପ ଚିତ୍ର ପ୍ରଦର୍ଶନର ଉଦ୍ଦେଶ୍ୟ କ'ଣ ?

କ) କର୍ମ ସଂସ୍ଥାନର ପଥ ନିର୍ଦ୍ଧାରଣ　　ଖ) ରାଷ୍ଟ୍ରୀୟ ଚରିତ୍ର ଗଠନ

ଗ) ଆଧ୍ୟାତ୍ମିକବୋଧତା　　ଘ) ଆମୋଦ ପ୍ରମୋଦ

**୫)ନିମ୍ନଲିଖିତ ଅନୁଚ୍ଛେଦଟି ପାଠ କରି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ | (1×5=5)**

ମନୁଷ୍ୟର ଆଶା ଅସରନ୍ତି , ନିରାଶ ଭିତରେ ବି ସେ ସୁନେଲୀ ଆଶାର ସ୍ୱପ୍ନ ଦେଖେ |ସେ ନିଜକୁ ପରିପ୍ରକାଶ କରିବାକୁ ଚାହେଁ| ମନୁଷ୍ୟ ସମାଜ ଭିତରେ ତଥା ନିଜ ଭିତରେ ବିଶ୍ୱସତ୍ତା ସହିତ ମିଳନ ତା'ର ପରମ କାମ୍ୟ | ମନୁଷ୍ୟ ନିଜ ପାଇଁ ଯେତେ ଚିନ୍ତିତ ନୁହେଁ ତଦପେକ୍ଷା ତା'ର ପାରିପାର୍ଶ୍ୱିକ ପରିସ୍ଥିତି , ପ୍ରକୃତି ,ଦେଶ ପାଇଁ ସେ ଉଦ୍ ଗ୍ରୀବ ହୋଇ ଉଠିଥାଏ | ବାସ୍ତବ ଜୀବନ ବ୍ୟତୀତ ଆଉ ଏକ କଳ୍ପଜଗତର ମାୟାମୋହ ତାକୁ ସଦାବେଳେ ଆଚ୍ଛନ୍ନ କରେ | ବାସ୍ତବ ଜଗତରେ ତା'ର ଆଶା ଆକାଂକ୍ଷା ସକଳ ତୃପ୍ତ ହୁଏ ନାହିଁ |ଫଳରେ ସେ ଆଦର୍ଶଭରା କଳ୍ପଲୋକରେ ମାନସିକ ପ୍ରଶାନ୍ତି ଲୋଡି ବସେ | ଏଣୁ ବ୍ୟକ୍ତିର ଆତ୍ମପ୍ରକାଶ ଲିପ୍ସା ,ପାରିପାର୍ଶ୍ୱିକ ଜଗତ ସହିତ ଯୋଗସୂତ୍ର ସ୍ଥାପନ , କଳ୍ପଯୁଗର ପ୍ରୟୋଜନିୟତା ଏବଂ ରୂପ ପ୍ରିୟତା ଏହି ଚାରୋଟି ବିଭାଗକୁ ସାହିତ୍ୟ ସୃଷ୍ଟିର ମୂଳଉତ୍ସ ବୋଲି କୁହାଯାଇପାରେ | ଫଳତଃ ସାହିତ୍ୟ ହେଉଛି ସାମାଜିକ ଦାୟିତ୍ୱବୋଧର ଅନ୍ୟତମ ଅଭିବ୍ୟକ୍ତି |

**ପ୍ରଶ୍ନାବଳୀ**

୧)ମନୁଷ୍ୟ କାହା ଭିତରେ ସୁନେଲୀ ଆଶାର ସ୍ୱପ୍ନ ଦେଖେ ?

କ)ଆଶା　ଖ)ନିରାଶ　ଗ)ଦୁଃଖ　ଘ)ସୁଖ

୨)ମନୁଷ୍ୟ ଜୀବନର ପରମ କାମ୍ୟ କ'ଣ ?

କ) ଆମୋଦପ୍ରମୋଦ　ଖ)ପରିବାର ସହ ବସବାସ

ଗ) ବିଶ୍ୱସତ୍ତା ସହିତ ମିଳନ　ଘ)ବନ୍ଧୁ ବାନ୍ଧବଙ୍କ ସହିତ ମିଳନ

୩)ମଣିଷ କ'ଣ ପାଇଁ ବେଶୀ ଉଦଗ୍ରୀବ ହୋଇପଡେ ?

କ) ପାରିପାର୍ଶ୍ୱିକ ପରିସ୍ଥିତି　ଖ)ନିଜ　ଗ)ପରିବାର　ଘ)ମନ୍ଦିର

୪)ମନୁଷ୍ୟକୁ ବାସ୍ତବ ଜୀବନ ବ୍ୟତୀତ ଆଉ କିଏ ତାକୁ ସଦାବେଳେ ଆଚ୍ଛନ୍ନ କରେ?

କ) ପରିବାର　ଖ)ଦେଶ　ଗ )ପରିବେଶ　ଘ) କଳ୍ପଜଗତର ମାୟାମୋହ

୫) କେଉଁଠାରେ ମନୁଷ୍ୟର ଆଶା ଆକାଂକ୍ଷା ସକଳ ତୃପ୍ତ ହୁଏ ନାହିଁ ?

କ)ପର ଲୋକରେ　ଖ) ବାସ୍ତବ ଜଗତରେ　ଗ)କଳ୍ପ ଜଗତରେ　ଘ)ପ୍ରତିଯୋଗିତାରେ

୬)ମନୁଷ୍ୟ କେଉଁଠାରେ ମାନସିକ ପ୍ରଶାନ୍ତି ଲାଭ କରିବାର ଆଶା ପୋଷଣ କରେ ?

କ) ବାସ୍ତବ ଜଗତରେ　ଖ) ପରିବେଶରେ　ଗ) ଆଦର୍ଶଭରା କଳ୍ପଲୋକରେ ଘ) ପରିବାରରେ

୭) ସାହିତ୍ୟ ମାଧ୍ୟମରେ ମନୁଷ୍ୟ କ'ଣ ଅଭିବ୍ୟକ୍ତି କରିପାରେ ?

କ) ସାମାଜିକ ଦାୟିତ୍ୱବୋଧର ଖ)ମାନସିକ ଗ)ଶାରୀରିକ ଘ)ଧାର୍ମିକ

**<u>ଅନୁଚ୍ଛେଦଗୁଡିକର ପ୍ରଶ୍ନାନୁଯାୟୀ ଉତ୍ତର</u>**

**ଅନୁଚ୍ଛେଦ -୧**

୧)ଖ ୨)ଖ ୩)କ ୪)ଗ ୫)ଗ ୬)ଘ ୭)କ

**ଅନୁଚ୍ଛେଦ -୨**

୧)ଗ ୨)କ ୩)ଖ ୪)ଘ ୫)ଘ ୬)ଖ ୭)କ

ଅନୁଚ୍ଛେଦ **-୩**

୧)ଖ ୨)କ ୩)ଘ ୪)ଗ ୫)କ ୬)ଖ ୭)ଖ

**ଅନୁଚ୍ଛେଦ -୪**

୧)ଖ ୨)ଗ ୩)ଗ ୪)କ ୫)ଖ ୬)ଖ ୭)କ

**ଅନୁଚ୍ଛେଦ -୫**

୧)ଖ ୨)ଗ ୩)କ ୪)ଘ ୫)ଖ ୬)ଗ ୭)କ

## ପଠିତ ପଦ୍ୟାଂଶ

## ଭୀମଙ୍କ ସିଂଘନାଦ ରଡ଼ି

**A. ନିମ୍ନ ପଦ୍ୟାଂଶଟିକୁ ପଢି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛ । ( ଯେକୌଣସି ୫ଟିର )**

ପାତାଳେ ଅନନ୍ତ ନାଗର କମ୍ପିଲାକ ଫେରୁ

ନବଦ୍ୱୀପ ସପତ ସାଗର କମ୍ପିଲା ଟଳମଳ ହୋଇଲାକ ମେରୁ |

ଆଦିତ୍ୟ ଭୂମଣ୍ଡଳ ଧ୍ରୁବମଣ୍ଡଳ ଅମର ମଣ୍ଡଳ

ଆକାଶେ ଲାଗିଲା ଉଛୁଳିଲା ସିନ୍ଧୁଜଳ |

ରେ ରେ କର କରି ରାଜା ଧୃତିରାଷ୍ଟି

ବଛସ୍ଥଳେ ମାରି ବାହାସ୍ଫୋଟ ଗର୍ଜଣ ବେଗେ ଉଠି |

ମହାଗହନ ନିଶ୍ୱାସ ବୁଲାଇ ବେନି ଡୋଳା

ବେନି ଭୁଜେ ଆକ୍ରୋଷି ଧଇଲେ କମଳା |

ଆରେ ଆରେ ଦ୍ରିଯୋଧନ ଅପାର ପ୍ରତଗ୍ୟାଂ ଯେ କଲୁ ବାବୁ

ବୋଇଲୁ ଯେ ଭୀମର ସାତରଡ଼ି ସହିବୁ |

ମାନଗୋବିନ୍ଦ ରାଜା କମଳା ଭୁଜଦଣ୍ଡ ଦିଲା ପେଲି

ଅଧର ପୁଷ୍ଟ କରି ପଳା ଯା ବୋଲି ମହାଲଛୀ

ବୋଇଲେ ଯେ ପଳାଉ ଅଛିନି ମୁହିଂ

ତୋହୋର ଭ୍ରଛନା ବୋଲିବାକୁ ଥିଲି ତ ବାଟ ଚାହିଂ |

ଲଛି ବୋଲେ ଆବର ରଡ଼ିୟେ ଯେବେ ସହିବୁ ପାମର

ୟେ ରଡ଼ି ସହିଲେ ତୁରେ ହୋଇବୁ ଅଜ୍ରାମ୍ବର |

ୟେତେ ବୋଲି ତତକ୍ଷଣେ ଛାଡ଼ିଲେ  ମହାଲକ୍ଷ୍ମୀ

କଦଳୀପତ୍ର ପ୍ରାୟେ କମ୍ପଇ ମହାତମୀ |

ସତୁରି ସତୁରି ଭାର ଗଦା ଘେନି କରସ୍ଥଳେ

କ୍ଷେପଇ ମାନଗୋବିନ୍ଦ ଯେ ଚିତ୍ତ ଅନ୍ତରାଳେ |

୧. ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନଙ୍କୁ ଛାଡ଼ି ପଳାଇଲେ ?

କ. ହାତକୁ ଠେଲିଦେବାରୁ

ଖ. ଦୁର୍ବ୍ୟବହାର

ଗ. ପଳା ପଳା କହିବାରୁ

ଘ. ଏ ସମସ୍ତ

୨. ଲକ୍ଷ୍ମୀ ଦୁର୍ଯ୍ୟୋଧନଙ୍କୁ ବୁଝାଉଥିବା ବେଳେ ଦୁର୍ଯ୍ୟୋଧନ କ'ଣ କରୁଥିଲା ?

କ. ଦୁଃଖିତ ଥିଲା

ଖ. ହସୁଥିଲା

ଗ. ରାଗରେ କଦଳୀ ପତ୍ର ପରି ଥରୁ ଥିଲା

ଘ. ସାରୁ ପତ୍ର ପରି କମ୍ପୁଥିଲା

୩. ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?

କ. ଚୁପ୍ ରହିଲେ

ଖ. ଭର୍ତ୍ସନା କଲେ

ଗ. ପାଟି କଲେ

ଘ. ହାତକୁ ଠେଲି ଦେଲେ

୪. ଅଜ୍ରାମ୍ବର ଶବ୍ଦର ଅର୍ଥ କ'ଣ ?

କ. ଦେବତା ସ୍ୱରୂପ

ଖ. ବୀର

ଗ. ସମ୍ମାନ ଯୋଗ୍ୟ

ଘ. ଚିରଞ୍ଜୀବୀ

୫. କିଏ ମାନଗୋବିନ୍ଦଙ୍କୁ ଛାଡ଼ି ଚାଲିଗଲେ ?

କ. ବିମଳା

ଖ. କମଳା

ଗ. ପାର୍ବତୀ

ଘ. ସରସ୍ୱତୀ

୬. ଦୁର୍ଯ୍ୟୋଧନ କେତେରଡ଼ି ସହିବାର ପ୍ରତିଜ୍ଞା କରିଥିଲେ ?

କ. ତିନିରଡ଼ି

ଖ. ସାତରଡ଼ି

ଗ. ଦଶରଡ଼ି

ଘ. ଦୁଇରଡ଼ି

୭. ପାତାଳ ରେ କାହାର ଫଣା କମ୍ପିଲା ?

କ. ତକ୍ଷକର

ଖ. କାଳୀୟନାଗର

ଗ. ଅନନ୍ତନାଗର

ଘ. ମଣିନାଗର

**B. ନିମ୍ନ ପଦ୍ୟାଂଶଟିକୁ ପଢି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛ । ( ଯେକୌଣସି ୫ଟିର )**

ଘନ ଘନ ଆସନ କମ୍ପଇ ସଦାନନ୍ଦ

ଚିରିକୂଟିରୁ କାଢି ଦିଲେ ସେ ସିଂଘନାଦ |

ଈଶ୍ୱରେ ବୋଲଲେ ତୁ ବହନ ହୋଇ ଯିବୁ

ତିନିଘାନ୍ତି ମାତ୍ରକ ଶବଦ ଭୀମସେନକୁ ସହିବୁ |

ସିଂଘନାଦ ଆସନ୍ତେ ପ୍ରସର ପବନ

ଶବଦେ କମ୍ପୁଅଛି ମୃତ୍ୟୁ ଯେ ଭୁବନ |

କାଳାନଳ ଜାଣି ବିକାଶି ସିଂଘନାଦ ଜ୍ୟୋତି

ଆଦିତ୍ୟହୁଂ ଶତେଗୁଣ ତେଜ ବିକାଶନ୍ତି |

ଅନ୍ତରୀକ୍ଷେ ଆସି ପ୍ରବେଶ ହୋଇଲା ବ୍ୟାସସରୋବର ତୀରେ

ପାଣ୍ଡବ ସୁନ୍ଦର ଭୀମ ଧଇଲା ତାହା କରେ |

ଆରେ ଆରେ ନିସତ କିମ୍ପା ହୋଉ ମାନଗୋବିନ୍ଦ

କରେ ଧରି ପାଣ୍ଡବ ତାହା ଚୁମ୍ବିଲା ସିଂଘନାଦ |

ଆକ୍ରେଷିଣ ସିଂଘନାଦ ଭୀମସେନ ଗାଢେ କଲେ ବାଦ୍ୟ

ମହୀମଣ୍ଡଳ କମ୍ପିଲା ପ୍ରଥମ ଶବଦ |

ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି

ପୃଥିବୀ ଦଳଦଳିତ କମ୍ପଇ ମେଦିନୀ |

ସଞ୍ଚା ଛାଡ଼ିକରି ଯେ ବୁଲଇ ମନ୍ଦର

ମାନଗୋବିନ୍ଦ ନିଦ୍ରାଭାଙ୍ଗି ଉଠି ବସିଲା ଧାତିକାର |

ପୁଣ ଆରେକ ରଡ଼ିଯେ ଦିଲା ବୀର ଭୀମ

ଛଡ଼ଲକ୍ଷ ଯୋଜନେ ଆକାଶେ କମ୍ପିଲା ବୀର ଯମ |

୧. ଭୀମଙ୍କ ପ୍ରଥମ ରଡ଼ିରେ କିଏ ନିଜସ୍ଥାନ ଛାଡ଼ି ଘୂରିବାକୁ ଲାଗିଲା ?

କ. ହିମାଳୟ

ଖ. ମନ୍ଦର

ଗ. ମୈନାକ

ଘ. ବିନ୍ଧ୍ୟ

୨. ଭୀମସେନ ପ୍ରଥମ ଥର ସିଂଘନାଦ କରିବାରୁ କିଏ ନଳିନୀ ପତ୍ରରେ ଜଳ କମ୍ପି ଉଠିଲା ପରି ଥରି ଥରି ଉଠିଲା ?

କ. ଶତ୍ରୁ

ଖ. ପାତାଳ

ଗ. ପୃଥିବୀ

ଘ. ସ୍ୱର୍ଗ

୩. ଚିରିକୁଟି ଶବ୍ଦର ଅର୍ଥ କ'ଣ ?

କ. ମାତା

ଖ. ଗମ୍ଭୀର

ଗ. ମୁଣା

ଘ. ଅଧମ

୪. ସିଂଘନାଦର ଜ୍ୟୋତିକୁ କବି କାହା ସହ ତୁଳନା କରିଛନ୍ତି ?

କ. ସୂର୍ଯ୍ୟଙ୍କ ଜ୍ୟୋତିର ଶହେଗୁଣ ଅଧିକ ଜ୍ୟୋତି

ଖ.  ଧ୍ରୁବତାରା

ଗ. ଉଲ୍କା ପିଣ୍ଡ

ଘ. ଛାୟା ପଥଠାରୁ ଉଜ୍ଜ୍ୱଳ

୫. ସିଂଘନାଦ ଆସି କେଉଁଠି ପହଞ୍ଚିଲେ?

କ. ହିମାଳୟରେ

ଖ. ଗଙ୍ଗାତୀରରେ

ଗ. ବ୍ୟାସ ସରୋବର ତୀରରେ

ଘ. ସିନ୍ଧୁନଦୀ କୂଳରେ

୬. ମହାଦେବ ସିଂଘନାଦକୁ କ'ଣ କହିଲେ ?

କ. କୃଷ୍ଣଙ୍କ ପାଖକୁ ଯିବାକୁ

ଖ. ସତ୍ୟ କହିବାକୁ

ଗ. କଥା ମାନିବାକୁ

ଘ. ଭୀମଙ୍କ ତିନି ଫୁଙ୍କାକୁ ସହିବାକୁ

୭.  କାହା ଦେହରୁ କାଳାନଳ ପରି ଜ୍ୟୋତି ନିର୍ଗତ ହେଲା ?

କ. ଭୀମ

ଖ. ସିଂଘନାଦ

ଗ. ମହାଦେବ

ଘ. କୃଷ୍ଣ

**C. . ନିମ୍ନ ପଦ୍ୟାଂଶଟିକୁ ପଢି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ବାଛ । ( ଯେକୌଣସି ୫ଟିର )**

ସହଦେବ ବୋଇଲା ସ୍ୱାମି ଶୁଣିମା ଜଗନ୍ନାଥ

ଈଶ୍ୱରଙ୍କୁ ସିଂଘନାଦ ମାଗନ୍ତୁ ପବନର ସୁତ

ଗୋବିନ୍ଦେ ବୋଇଲେ ଯେବେ ୟେମନ୍ତ ଅଛି ଭୀମ

ବୁଦ୍ଧି ହରାଇ କିଂପେ କଲୁ ତୁ ମତିଭ୍ରମ |

ଯେବେ ବହନ ତୁ ବିଶ୍ୱନାଥଙ୍କୁ ସିଂଘନାଦ ମାଗ

ରଡ଼ିର ନାଦେ ମାନଗୋବିନ୍ଦ ବାହାର ହୋଉ ବେଗ |

ଧ୍ୟାନେଣ ଚିନ୍ତିଲା ସେ ପାଣ୍ଡବ ସୁନ୍ଦର

ଆସନ କମ୍ପିଲା ସେ ଦେବ ଶୂଳଧର |

ଧ୍ୟାନେଣ ଜାଣିଲେ ସେ ଦେବ ପଶୁପତି

ଈଶ୍ୱରେ ବୋଲଲେ ଦେବୀ ଶୁଣ ଗୋ ପାର୍ବତୀ |

ଆମ୍ଭନ୍ତ ସିଂଘନାଦ ମାଗୁଅଛି ବୀର ଭୀମା

ତୁମ୍ଭ ବିଚାରକୁ କିସ ଯୋଗାଇ ଗୋ ଉମା |

ପାର୍ବତୀ ବୋଲଲେ ଭୀମସେନ ଆମ୍ଭ ଉପୁଗାରି

ବେଳେବେଳେ ପାଣ୍ଡବ ଆମ୍ଭ କପିଳାସକଇଂ ଉଦ୍ଧରି

ସତ୍ୟମନା ଇଚ୍ଛି ଦେବ ଯେ ତ୍ରିପୁରାରି |

ପାର୍ବତୀ ବୋଲଲେ ସିଂଘନାଦ ଦିଅସି ବହନ

ପାଣ୍ଡବଂକ ହେତୁ ତୁମ୍ଭେ ବ୍ରତିଅଛ ତ୍ରିଲୋଚନ |

ସଂକଟ କାଳେ ତୁମ୍ଭନ୍ତ ଉଦ୍ଧାରନ୍ତି ପୁଣ

ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ |

୧. ସହଦେବ ଜଗନ୍ନାଥଙ୍କୁ କ'ଣ କହିଲେ ?

କ. ଅର୍ଜୁନ କୃଷ୍ଣଙ୍କୁ ଭଲପାନ୍ତି

ଖ. ଅର୍ଜୁନ ସିଂଘନାଦ ଆଣିବେ

ଗ. ପାର୍ବତୀ ସିଂଘନାଦ ଦେବେ

ଘ. ଭୀମ ମହାଦେବଙ୍କୁ ସିଂଘନାଦ ମାଗନ୍ତୁ

୨. ସିଂଘନାଦ ରଡ଼ିରେ କିଏ ବାହାରି ଆସିବେ ବୋଲି ସହଦେବ ଶ୍ରୀକୃଷ୍ଣଙ୍କୁ ସୂଚନା ଦେଇଛନ୍ତି ?

କ. ଭୀମ

ଖ. ଦୁର୍ଯ୍ୟୋଧନ

ଗ. ଦୁଃଶାସନ

ଘ. ଯୁଧିଷ୍ଠିର

୩. ସିଂଘନାଦ ଭୀମ ମାଗୁଛନ୍ତି ଶିବ କାହାକୁ କହିଲେ ?

କ. କୃଷ୍ଣ

ଖ. ଜଗନ୍ନାଥ

ଗ. ଉମା

ଘ. ସୁଦାମା

୪. 'ଉପୁଗାରି' ଶବ୍ଦର ଅର୍ଥ କ'ଣ ?

କ. ଉପାସନା

ଖ. ଉପବାସ

ଗ. ଉପକାରୀ

ଘ. ଉପଗ୍ରହ

୫. ଭୀମ କାହାକୁ ଧ୍ୟାନ କଲେ ?

କ. ବ୍ରହ୍ମା

ଖ. କୃଷ୍ଣ

ଗ. ପାର୍ବତୀ

ଘ. ଶିବ

୬. ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ତ୍ତିଥିଲେ ?

କ. ପାଣ୍ଡବମାନେ ଅସୁରଙ୍କ ସହ ଯୁଦ୍ଧ କଲେ

ଖ. ପାଣ୍ଡବ ଇନ୍ଦ୍ରଙ୍କୁ ହରାଇଲେ

ଗ. ଭୀମ ଅଶ୍ଳେଷା ରାକ୍ଷସକୁ ନିହତ କଲେ

ଘ. ଅର୍ଜୁନ ଅସୁରକୁ ବଧ କଲେ

୭. ଉଦ୍ଧୃତ ପଦ୍ୟାଂଶରେ ଜଗନ୍ନାଥ କିଏ ?

କ. ରାମ

ଖ. ବିଷ୍ଣୁ

ଗ. ଶିବ

ଘ. କୃଷ୍ଣ

**ପଠିତ ପଦ୍ୟାଂଶ** Answers

A . 1. ଘ. ଏ ସମସ୍ତ  ୨. ଗ. ରାଗରେ କଦଳୀ ପତ୍ର ପରି ଥରୁ ଥିଲା  ୩. ଘ. ହାତକୁ ଠେଲି ଦେଲେ

୪. ଘ. ଚିରଞ୍ଜୀବୀ  ୫. ଖ. କମଳା  ୬. ଖ. ସାତରଡ଼ି  ୭. ଗ. ଅନନ୍ତନାଗର

**B.** ୧. ଖ. ମନ୍ଦର  ୨. ଗ. ପୃଥିବୀ  ୩. ଗ. ମୁଣ୍ଡ

୪. କ. ସୂର୍ଯ୍ୟଙ୍କ ଜ୍ୟୋତିର ଶହେଗୁଣ ଅଧିକ ଜ୍ୟୋତି

୫. ଗ. ବ୍ୟାସ ସରୋବର ତୀରରେ  ୬. ଘ. ଭୀମଙ୍କ ତିନି ଫୁଙ୍କାକୁ ସହିବାକୁ  ୭. ଖ. ସିଂଘନାଦ

C. ୧.ଘ. ଭୀମ ମହାଦେବଙ୍କୁ ସିଂଘନାଦ ମାଗନ୍ତୁ  ୨. ଖ. ଦୁର୍ଯ୍ୟୋଧନ  ୩. ଗ. ଉମା

୪. ଗ. ଉପକାରୀ  ୫. ଘ. ଶିବ  ୬. ଗ. ଭୀମ ଅଶ୍ଳେଷା ରାକ୍ଷସକୁ ନିହତ କଲେ

୭. ଘ. କୃଷ୍ଣ

## No. ୨, ପଠିତ ପଦ୍ୟାଂଶ

## ବିଷୟ - ଚିଲିକାରେ ସାୟନ୍ତନ

**A. ନିମ୍ନ ଲିଖିତ ପଦ୍ୟାଂଶଟି ପଢି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛି ଲେଖ :-**

**ମୀନ- ଆକର୍ଷଣ - ଆଶେ ପୋତପାଳ**
**ତରଣୀରେ ଜାଳି ଦେଲାଣି ମଶାଲ |**
**ଭବେ ପାପମୂର୍ତ୍ତି ପରି ଅଟଇ ସେ,**
**ସ୍ପର୍ଶେ ମାରାତ୍ମକ, ରୂପେ ରମ୍ୟ ଦିଶେ;**

**ପାପ- ଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ,**
**ତରୀ- ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ,**
**ତରଙ୍ଗେ ଦୋହଲି ଦୋହଲି ବୋଇତ**
**ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ,**
**ଦୁଃଖିମନେ ଆଶା ଉତ୍ ଥାନ ପତନ -**
**ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ |**

**ପ୍ରଶ୍ନାବଳୀ -**

**କ) ପୋତପାଳମାନେ ନୌକାରେ ମଶାଲ ଜାଳନ୍ତି କାହିଁକି ?**
୧. ବାଟ ଦେଖା ଯିବାକୁ
୨. ଦୂରରୁ ଡଙ୍ଗା ଆସୁଥିବା ଜଣା ପଡ଼ିବାକୁ
୩. ମୀନ ମାନଙ୍କୁ ଆକୃଷ୍ଟ କରିବାକୁ
୪. ଅନ୍ଧକାର ଦୂର କରିବାକୁ

**ଖ) ପାପ ଗର୍ତ୍ତରେ କିଏ ପଡ଼ିବା କଥା କୁହାଯାଇଛି ?**
୧. ଅଜ୍ଞାନ
୨. ଜ୍ଞାନୀ
୩. ଦାନୀ
୪. କବି

**ଗ) ମୀନମାନେ କାହା ମଧ୍ୟରେ ପଡ଼ି ପ୍ରାଣ ବିସର୍ଜନ କରି ଥାଆନ୍ତି ?**
୧. ଗର୍ତ୍ତ ମଧ୍ୟରେ
୨. ନୌକା ମଧ୍ୟରେ
୩. ପଥର ମଧ୍ୟରେ
୪. ଦଳ ମଧ୍ୟରେ

**ଘ) ନିମ୍ନ ଶବ୍ଦ ମଧ୍ୟରୁ କେଉଁଟି ଡଙ୍ଗାର ପ୍ରତିଶବ୍ଦ ନୁହେଁ ?**
୧. ନୌକା
୨.ତରଣୀ
୩. ତୋୟ
୪. ନାବ

**ଙ) କାହାର ସ୍ପର୍ଶ ମାରାତ୍ମକ ବୋଲି କୁହାଯାଇଛି ?**
୧. ମୀନ
୨. ଜଳ
୩. ନାବ
୪. ମଶାଲ

**ଚ) ପୋତପାଳ ଅର୍ଥ କଣ ?**
୧. ବସ୍ ଚାଳକ

୨. ଶଗଡ଼ ଚାଳକ
୩. ଜାହାଜ ଚାଳକ
୪. ନୌକା ଚାଳକ

**ଛ) ତରଙ୍ଗରେ ଦୋହଲୁ ଥିବା ମଶାଲ ଶିଖାକୁ କବି କାହା ସହିତ ତୁଳନା କରିଛନ୍ତି ?**

୧. ଦୁଃଖି ମନର ଆଶା
୨. ଦୁଃଖି ମନର କୋହ
୩. ଚିଲିକାର ଜଳରାଶି କୁ
୪. ଚନ୍ଦ୍ରର ଆଲୁଅକୁ

**B. ନିମ୍ନଲିଖିତ ପଦ୍ୟାଂଶଟି ପଢି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛି ଲେଖ :-**

**ପ୍ରଶାନ୍ତ, ନୀରବେ ଗିରି ବନଦେଶ,**
**ନାହିଁ ଏଥି ନର ଚହଳର ଲେଶ,**
**ଦୂର ଝରନାଦ, ଝିଙ୍କାରି - ଝଙ୍କାର**
**କରେ ନିଶୀଥିନୀ ପ୍ରଭାବ - ପ୍ରଚାର,**
**କଳି ଉପଦ୍ରବେ ତ୍ୟଜି ଲୋକାଳୟ**
**ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?**
**ଚିଲିକା! ତୋହର ଏହି ଶୋଭାବନ**
**ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ |**

**ପ୍ରଶ୍ନାବଳୀ –**

**କ) ଏଠାରେ କାହାର ଚହଳ ନାହିଁ ବୋଲି କୁହାଯାଇଛି ?**

୧. ମନୁଷ୍ୟର
୨. ପଶୁପକ୍ଷୀଙ୍କର
୩. ମୀନ ମାନଙ୍କର
୪. ଦୋକାନ ବଜାର ର

**ଖ) କଳି ଉପଦ୍ରବ ହେତୁ ଲୋକାଳୟ ତ୍ୟାଗ କରି କିଏ ଚିଲିକାରେ ଆଶ୍ରୟ ନେଲେ ବୋଲି କବି କହିଛନ୍ତି ?**

୧. ଦିଗପାଳିକା
୨. ଶାନ୍ତି
୩. ସରସ୍ୱତୀ
୪. ଉଷା

**ଗ) 'ନିଶୀଥିନୀ' ଶବ୍ଦର ଅର୍ଥ କଣ ?**

୧.ପ୍ରଭାତ
୨. ପ୍ରଦୋଷ
୩. ସନ୍ଧ୍ୟା
୪. ରାତ୍ରି

**ଘ) କାବ୍ୟାଂଶଟି କେଉଁ କାବ୍ୟରୁ ଆନୀତ ?**

୧. କେଦାର ଗୌରୀ

୨. ଚିଲିକା

୩. ଚନ୍ଦ୍ରଭାଗା

୪. ଉଷା

**ଙ) ବ୍ୟାକରଣ ଦୃଷ୍ଟିରୁ ଲୋକାଳୟ ଏକ କି ଭଳି ଶବ୍ଦ ?**

୧. ସନ୍ଧି

୨.ଉପସର୍ଗ

୩. କୃଦନ୍ତ

୪. କୌଣସି ଟି ନୁହେଁ

**ଚ) କାହାର ଶବ୍ଦ ନିଶୀଥିନୀର ପ୍ରଭାବକୁ ପ୍ରଚାର କରୁଛି ?**

୧. ଚିଲିକାର ତରଙ୍ଗ

୨. ମୀନଜୀବୀମାନଙ୍କର କଣ୍ଠ ସ୍ୱର

୩. ଝିଙ୍କାରିର ସ୍ୱର

୪. ପବନର ଶବ୍ଦ

**ଛ) ନିମ୍ନ ଶବ୍ଦ ମଧ୍ୟରୁ କେଉଁଟି ଝରଣା ର ଶବ୍ଦକୁ ବୁଝାଉଛି?**

୧. ପ୍ରଭାବ ପ୍ରଚାର

୨. ଶୋଭାବନ

୩. ଲୋକାଳୟ

୪. ଝର ନାଦ

**C.** ନିମ୍ନ ଲିଖିତ ପଦ୍ୟାଂଶଟି ପଢି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛି ଲେଖ :-

**ସଙ୍ଗୀତ ଆବେଶେ ନାନାରୂପେ ମନ**
**ଅତୀନ୍ଦ୍ରିୟ ଦେଶେ କରେ ବିଚରଣ,**
**ଚାଲିଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ**
**କି ଲୋଡ଼ିବା ଆଶେ ସେହି ତା ନ ଜାଣେ ।**
**ଧନ୍ୟ ସେହି ଯାର ଆଜ୍ଞା ଶିରେ ଧରି**
**ଏ ଲୀଳା – ରଚନ୍ତି ଦେବୀ ବାଗୀଶ୍ୱରୀ;**
**ଧନ୍ୟ ରଥେ! ତୁମ୍ଭ ଜନ୍ମ ଶୁଭକ୍ଷଣେ**
**ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳ ଭୁବନେ ,**
**ତୁମ୍ଭ ମାଟି - ଦେହ ଗ୍ରାସିଛି ଶ୍ମଶାନ,**
**ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।**

**ପ୍ରଶ୍ନାବଳୀ –**

**କ) ଏଠାରେ ଧନ୍ୟ ବୋଲି କାହାକୁ କୁହାଯାଇଛି ?**

୧ . କବିବର ରାଧାନାଥ ରାୟ

୨ . ଭକ୍ତ କବି ମଧୁସୂଦନ ରାଓ

୩. ସ୍ୱଭାବ କବି ଗଙ୍ଗାଧର ମେହେର

୪. କବି ସୂର୍ଯ୍ୟ ବଳଦେବ ରଥ

**ଖ) ମୃତ୍ୟୁଞ୍ଜୟ ଶବ୍ଦର ଅର୍ଥ କଣ ?**

୧ . ମୃତ୍ୟୁ ଠାରୁ ଯେ ଦୂରରେ ଅଛି

୨ . ମୃତ୍ୟୁକୁ ଯେ ଜୟ କରିଛି

୩. ମୃତ୍ୟୁକୁ ଯେ ଭୟ କରିଛି

୪. ମୃତ୍ୟୁ ସହ ପାଦ ମିଶାଇଛି

**ଗ) ଏଠାରେ ବାଗୀଶ୍ୱରୀ କାହାକୁ କୁହାଯାଇଛି ?**

୧ . ଦେବୀ ଲକ୍ଷ୍ମୀଙ୍କୁ

୨ . ଦେବୀ ସରସ୍ୱତୀଙ୍କୁ

୩. ଦେବୀ ପାର୍ବତୀ ଙ୍କୁ

୪. ଦେବୀ ଦୁର୍ଗା ଙ୍କୁ

**ଘ) ସଙ୍ଗୀତ ଆବେଗରେ ମନ କେଉଁ ଦେଶରେ ବିଚରଣ କରେ ?**

୧ . ସ୍ବଦେଶରେ

୨ . ବିଦେଶରେ

୩. ବାହ୍ୟ ଦେଶରେ

୪. ଅତୀନ୍ଦ୍ରିୟ ଦେଶରେ

**ଙ) ବ୍ୟାକରଣ ଦୃଷ୍ଟିରୁ ' ବାଗୀଶ୍ୱରୀ ' କିଭଳି ଶବ୍ଦ ?**

୧ . ସମାସ.

୨ . ବିଶେଷଣ

୩. ସନ୍ଧି

୪. ଉପସର୍ଗ

**ଚ) ଉକ୍ତ ପଦଟିରେ କେଉଁ ଭୂଖଣ୍ଡ କଥା କୁହାଯାଇଛି ?**

୧ . ମଗଧ

୨ . ବିଦେହ

୩. ମିଥିଳା

୪. ଉତ୍କଳ

**ଛ) 'ଯଶୋଦେହେ' ଶବ୍ଦର ଅର୍ଥ କଣ ?**

୧. ଯଶସ୍ବୀ ଶରୀର

୨. ଦୁର୍ବଳ ଶରୀର

୩. ବଳୁଆ ଶରୀର

୪. ରୋଗିଣା ଶରୀର

**ପଠିତ ପଦ୍ୟାଂଶ** Answers

**A.କ)** ୩. ମୀନ ମାନଙ୍କୁ ଆକୃଷ୍ଟ କରିବାକୁ **ଖ)** ୧. ଅଜ୍ଞାନ **ଗ)** ୨. ନୌକା ମଧ୍ୟରେ
**ଘ )** ୩. ତୋୟ **ଙ)** ୪. ମଶାଲ **ଚ)** ୪. ନୌକା ଚାଳକ **ଛ)** ୧. ଦୁଃଖି ମନର ଆଶା

**B. କ)** ୧. ମନୁଷ୍ୟର **ଖ)** ୨. ଶାନ୍ତି **ଗ)** ୪. ରାତ୍ରି **ଘ)** ୨. ଚିଲିକା
**ଙ)** ୧. ସନ୍ଧି **ଚ)** ୩. ଝିଙ୍କାରି ର ସ୍ୱର **ଛ)** ୪. ଝର ନାଦ

**C. କ)** ୪. କବି ସୂର୍ଯ୍ୟ ବଳଦେବ ରଥ **ଖ)** ୨. ମୃତ୍ୟୁକୁ ଯେ ଜୟ କରିଛି **ଗ)** ୨. ଦେବୀ ସରସ୍ୱତୀଙ୍କୁ
**ଘ)** ୪. ଅତୀନ୍ଦ୍ରିୟ ଦେଶରେ **ଙ)** ୩. ସନ୍ଧି **ଚ)** ୪. ଉତ୍କଳ **ଛ)** ୧. ଯଶସ୍ବୀ ଶରୀର

## ଗଦ୍ୟବିଭାଗ -ଜନ୍ମଭୂମି

●ପ୍ରତ୍ୟେକ ପ୍ରଶ୍ନର ତଳେ ଚାରୋଟି ଉତ୍ତର ଦିଆଯାଇଛି ।ସେଥିମଧ୍ୟରୁ ଗୋଟିଏ ଉତ୍ତର ଠିକ୍ । ଠିକ୍ ଉତ୍ତରଟିକୁ ବାଛି ଲେଖ ।

୧.'ଜନ୍ମଭୂମି' ପ୍ରବନ୍ଧର ପ୍ରାବନ୍ଧିକ କିଏ ?

(କ) ଶରତ କୁମାର ମହାନ୍ତି (ଗ) ଗୋଲୋକ ବିହାରୀ ଧଳ

(ଖ) ବଂଶୀଧର ମହାନ୍ତି (ଘ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୨.'ଜନ୍ମଭୂମି' ପ୍ରବନ୍ଧଟି ପ୍ରାବନ୍ଧିକଙ୍କ କେଉଁ ପୁସ୍ତକରୁ ସଂଗୃହୀତ ?

(କ) ମୋ ସମୟର ଓଡିଶା (ଗ)ପ୍ରବନ୍ଧ କୁସୁମ

(ଖ)ପ୍ରବନ୍ଧ ମାନସ (ଘ)ପ୍ରବନ୍ଧ ସଂଗ୍ରହ

୩.କେଉଁ ପୁସ୍ତକଟି କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ବିରଚିତ ଏକ ଆତ୍ମଜୀବନୀ ?

(କ)ମୋ ପିଲାଦିନ (ଗ)ଫୁଟା ଡ଼ଙ୍ଗାର କାହାଣୀ

(ଖ)ମୋ ସମୟର ଓଡିଶା (ଘ)ସ୍ମୃତି ଓ ଅନୁଭୂତି

୪.ଲେଖକ ନିର୍ଦ୍ଦିଷ୍ଟ ଭାବରେ କାହାକୁ ନିଜର ଜନ୍ମଭୂମି ବୋଲି କହିଛନ୍ତି ?

(କ) ପୃଥିବୀ (ଖ) ଏସିଆ (ଗ) ଭାରତବର୍ଷ (ଘ) ପଲ୍ଲୀଗ୍ରାମ

୫.ଲେଖକ ମାତୃଗର୍ଭରୁ ପଡି ଜନ୍ମମାଟିର ସ୍ପର୍ଶ କରିବା ସହିତ କେଉଁଗୁଡିକର ପ୍ରଥମ ପରିଚୟ ପାଇଥିଲେ ?

(କ) ରୂପ-ରସ-ଗନ୍ଧ-ଶ୍ରବଣ (ଗ) ରୂପ-ରସ-ଗନ୍ଧ-ସ୍ପର୍ଶ

(ଖ) ରୂପ-ରସ -ଗନ୍ଧ-ଦର୍ଶନ (ଘ) ରୂପ-ରସ-ଗନ୍ଧ -ସ୍ୱାଦ

୬.ବିଷମ -ବିପାକ ବେଳେ ତାଙ୍କ ଜନ୍ମମାଟି କ'ଣ ଢାଳିଦେଇ ତାଙ୍କ ଶିଶୁ ପ୍ରାଣକୁ ପରିପୁଷ୍ଟ କରିଥିବା କଥା ଲେଖକ କହିଛନ୍ତି ?

(କ) ଫଳ-ପୁଷ୍ପ-ଶାକ-ତଣ୍ଡୁଳ (ଗ) ଫଳ-ପୁଷ୍ପ-ତଣ୍ଡୁଳ-ଭାବ

(ଖ) ଫଳ-ପୁଷ୍ପ-ଶାକ-ଜ୍ଞାନ (ଘ) ଫଳ-ପୁଷ୍ପ-ଶାକ-କବିତ୍ୱ

୭.ଜନ୍ମଭୂମିର କେଉଁ ଭୂମିକା ସଂପର୍କରେ ପ୍ରାବନ୍ଧିକ ଉଲ୍ଲେଖ କରିନାହାନ୍ତି ?

(କ) ଶିକ୍ଷୟିତ୍ରୀ (ଖ) ମାତା (ଗ) ଭଗ୍ନୀ (ଘ) ଧାତ୍ରୀ

୮.ଆୟୁକୁ କାହା ସହିତ ତୁଳନା କରାଯାଇଛି ?

(କ) ଜଳ (ଖ) ଜନ୍ମମାଟି (ଗ) ସୂର୍ଯ୍ୟ (ଘ) ଚନ୍ଦ୍ର

୯.ସମୟ ସ୍ରୋତରେ ପ୍ରାବନ୍ଧିକ କାହାପରି ଭାସିଯାଇଛନ୍ତି ?

(କ) କୁଟା (ଖ) କାଗଜଖଣ୍ଡ (ଗ) ଶୁଷ୍କତୃଣ (ଘ) ଉଦ୍ଭିଦ

୧୦.ତାଙ୍କ ଜନ୍ମଭୂମିକୁ ଫେରି ଯିବା ପାଇଁ ଲେଖକଙ୍କ ନିକଟରେ କେଉଁ ସାହସ ନାହିଁ ବୋଲି କହିଛନ୍ତି ?

(କ) ନୈତିକ (ଖ) ମାନସିକ (ଗ) ଶାରୀରିକ (ଘ) ଆଧ୍ୟାତ୍ମିକ

୧୧.ଜନ୍ମଭୂମି ରୂପକୁ ପ୍ରାବନ୍ଧିକ ଏବେ କାହାପରି ଖାଲି ସ୍ମରଣ କରନ୍ତି ?

(କ) ବିଦ୍ୟାର୍ଥୀ (ଖ) ଶିକ୍ଷକ (ଗ)ଜ୍ଞା ନୀ (ଘ) ଜାତିସ୍ମର

୧୨.ଏହା ଭିତରେ ତାଙ୍କର କ'ଣ ଘଟିଯାଇଛି ବୋଲି ଲେଖକ ଉଲ୍ଲେଖ କରିଛନ୍ତି ?

(କ) ରୂପାନ୍ତର (ଖ) ଘଟାନ୍ତର (ଗ) ଦେଶାନ୍ତର (ଘ) ପୁନର୍ଜନ୍ମ

୧୩.ଧର୍ମାନ୍ତର ଦୀକ୍ଷିତ ବ୍ୟକ୍ତି ଧର୍ମ ପାଖରେ କାହାକୁ ଉତ୍ସର୍ଗ କରି ସେମାନଙ୍କ ନାମ, ପଦବୀ, ଭାଷା, ଆହାର, ବ୍ୟବହାର ଓ ବେଶଭୂଷା ଇତ୍ୟାଦି ବଦଳାଇ ଦେଇଥାନ୍ତି ?

(କ) ମାନବିକତାକୁ (ଖ) ନୈତିକତାକୁ (ଗ) ସାମାଜିକତାକୁ (ଘ )ସଂସ୍କାରକୁ

୧୪.ଧର୍ମାନ୍ତର ଦୀକ୍ଷିତ ବ୍ୟକ୍ତି ଶେଷବେଳକୁ କ'ଣ ଭୁଲି ନିଜ ଜନ୍ମଭୂମିକୁ ଅସ୍ବୀକାର କରନ୍ତି ?

(କ)ଦେଶପ୍ରମ (ଖ)ମାତୃଭୂମି ପ୍ରେମ (ଗ)ଜାତୀୟତା (ଘ)ନୈତିକତା

୧୫.ସଂଖ୍ୟାତୀତ ଶିକ୍ଷିତ ବ୍ୟକ୍ତି ପ୍ରଚଳିତ ଶିକ୍ଷାପାଖରେ କ'ଣ ଉତ୍ସର୍ଗ କରି ଶେଷବେଳକୁ ନିଜର ଜନ୍ମଭୂମିକୁ ସୁଦ୍ଧା ପାସୋରି ପକାନ୍ତି ?

(କ) ସାମାଜିକତା (ଖ) ମାନବିକତା (ଗ) ନୈତିକତା (ଘ) ଆଧ୍ୟାତ୍ମିକତା

୧୬.ସଂଖ୍ୟାତୀତ ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ପଲ୍ଲୀଗ୍ରାମକୁ ଯାଇ ଜୀବିକାର୍ଜ୍ଜନ କରିବା ଦୂରେଥାଉ, ସେଠାରେ କ'ଣ କରିବା ମଧ୍ୟ ସମ୍ଭବପର ହୁଏ ନାହିଁ ?

(କ) ବ୍ୟବସାୟ (ଗ) ଗ୍ରାମ୍ୟ ମଣିଷଙ୍କ ସୁଖଦୁଃଖ ବୁଝିବା

(ଖ) ସାହିତ୍ୟଚର୍ଚ୍ଚା (ଘ) କିଛିକାଳ ଅବସ୍ଥାନ କରିବା

୧୭.ଗ୍ରାମର ଉନ୍ନତିପାଇଁ କେଉଁ କାର୍ଯ୍ୟଟି ଯଦି ତାଙ୍କର ଏକମାତ୍ର ଅବଶେଷ କର୍ତ୍ତବ୍ୟ ହୁଏ, ତେବେ ଗ୍ରାମକୁ ନଯାଇ ମଧ୍ୟ ପାବନ୍ଧିକ ତାହା କରିପାରିବେ ବୋଲି ମନେ କରିଛନ୍ତି ?

(କ) ଯଥାସାଧ୍ୟ ଶ୍ରମଦାନ (ଗ) ଯଥାସାଧ୍ୟ ଶିକ୍ଷାଦାନ

(ଖ) ଯଥାସାଧ୍ୟ ଅର୍ଥଦାନ (ଘ) ଯଥାସାଧ୍ୟ ଜ୍ଞାନଦାନ

୧୮.ବହୁବାଦ-ବିସମ୍ବାଦ ସତ୍ତ୍ୱେ ପଲ୍ଲୀଗ୍ରାମର ନରନାରୀଙ୍କ ମଧ୍ୟରେ ଜାତି -ଧର୍ମ ନିର୍ବିଶେଷରେ କେଉଁ ପରମ୍ପରା ଗଢି ଉଠିଥାଏ ?

(କ) ସାଂସ୍କୃତିକ (ଖ) ଧାର୍ମିକ (ଗ) ଏକପରିବାରତ୍ୱ (ଘ) ସାମାଜିକ

୧୯.ଚେଷ୍ଟା କଲେ ମଧ୍ୟ ଜନ୍ମଭୂମି ସହିତ ତାଙ୍କର କେଉଁ ସମ୍ବନ୍ଧ ଫେରିପାଇବା ସମ୍ଭବ ନୁହେଁ ବୋଲି ପ୍ରାବନ୍ଧିକ କହିଛନ୍ତି ?

(କ) ତିକ୍ତ (ଖ) ମଧୁର (ଗ) ପାରିବାରିକ (ଘ) ବ୍ୟକ୍ତିଗତ

୨୦.କେଉଁଠାରେ ସାର ମାଉସୀ ତାର ଛୋଟ ପିଣ୍ଡାଟିରେ ବହୁବର୍ଷ ଧରି ପ୍ରସ୍ତର ମୂର୍ତ୍ତିଟି ପରି ବସି ଆସିଛି ?

(କ) ଗ୍ରାମ ମୁଣ୍ଡରେ (ଖ) ଗ୍ରାମ ମଝିରେ (ଗ) ବସ୍ତି ଅଞ୍ଚଳରେ (ଘ) ଗ୍ରାମ ବାହାରେ

୨୧.ଗ୍ରାମର କେଉଁଠାରେ ଗୋବିନ୍ଦାଭାଇ ର କ୍ଷୁଦ୍ର କୁଟିର ଥିଲା ?

(କ) ଆରମ୍ଭରେ (ଖ) ମଝିରେ (ଗ) ଶେଷରେ (ଘ) ଶ୍ମଶାନ ନିକଟରେ

୨୨.କାହା ଅନୁସାରେ ଗ୍ରାମ୍ୟ ଯୁବକମାନଙ୍କ ମାନସିକ ପରିବର୍ତ୍ତନ ଘଟିଯାଇଛି ?

(କ) ଧାର୍ମିକ ମତବାଦ (ଗ) ଅର୍ଥନୈତିକ କାରଣରୁ

(ଖ) ମନସ୍ତାତ୍ତ୍ୱିକକାରଣରୁ (ଘ) ରାଜନୈତିକ ମତବାଦ

୨୩.କାହାର ବିଭେଦ ସତ୍ତ୍ୱେ କର୍ମ କ୍ଳେଶ ମଧ୍ୟରେ ଗ୍ରାମବାସୀମାନଙ୍କ ଭିତରେ ଅନ୍ୟ ଏକ ପ୍ରକାର ଏକ ପରିବାରତ୍ୱ ଭାବେ ଆପେ ଆପେ ଜାତ ହୋଇଥାଏ ?

(କ) କର୍ମର (ଖ) ଧର୍ମର (ଗ) ଜାତିର (ଘ) ସ୍ବାର୍ଥର

୨୪.କେଉଁମାସର ଶେଷବେଳକୁ ସ୍ତୁପୀକୃତ ମେଘ ଘନ-ଶ୍ୟାମ ଗିରିରାଜିର ମସ୍ତକରୁ ଧୀରେଧୀରେ ଅଗଣିତ ଶାଲତରୁ ଉପରକୁ ଆନତ ହୋଇଆସେ ?

(କ) ଆଷାଢ଼ (ଖ ) ଜ୍ୟେଷ୍ଠ (ଗ ) ପୌଷ (ଘ) ଶ୍ରାବଣ

୨୫.ଗ୍ରାମରେ ଯେଉଁ ଶୃଙ୍ଖଳିତ କର୍ମଯୋଜନା ରହିଛି, ସେଥିରେ ସ୍ଥାନ ପାଇବାପାଇଁ ଲେଖକଙ୍କ ନିକଟରେ କେଉଁ ଶକ୍ତିର ଅଭାବ ନାହିଁ ?

(କ) ମାନସିକ (ଖ) ନୈତିକ (ଗ) ଆଧ୍ୟାତ୍ମିକ (ଘ) ଭୌତିକ

୨୬.ଆଭିଜାତ୍ୟର ଚିହ୍ନ ବୋଲି କାହାକୁ ବିବେଚନା କରାଯାଏ ?

(କ) ଶିକ୍ଷା (ଖ) ପର୍ଯ୍ୟାପ୍ତ ଧନ (ଗ) ନେକ୍ ଟାଇ (ଘ) ପଦପଦବୀ

୨୭.ବହୁ ପଲ୍ଲୀ ଜନନୀ ଆଜି କେଉଁ ମାନଙ୍କୁ ହରାଇ ବସିଛନ୍ତି ?

(କ) ଅପଦାର୍ଥ ସନ୍ତାନମାନଙ୍କୁ (ଗ) ଯୋଗ୍ୟ ସନ୍ତାନମାନଙ୍କୁ

(ଖ) ଶିକ୍ଷିତ ସନ୍ତାନମାନଙ୍କୁ (ଘ) ଅଶିକ୍ଷିତ ସନ୍ତାନମାନଙ୍କୁ

୨୮.ଆଜି ମଧ୍ୟ ବୃନ୍ଦାବନର ପୁଷ୍ପିତ କଦମ୍ବରେ କାହାର ଉଦ୍ଧତ ନୃତ୍ୟ ଦେଖାଯାଏ ?

(କ) କପୋତର (ଖ) ମୟୂରର (ଗ) ବ୍ୟାଘ୍ରର (ଘ) ଶଶକର

୨୯.କେଉଁ ଗ୍ରୀସୀୟ ଦେବତା ସମସ୍ତ ବିଶ୍ୱର ଭାର ବହନ କରିଛନ୍ତି ବୋଲି କୁବ୍ଜ ହୋଇ ଚାଲନ୍ତି ?

(କ) ଏଟ୍ ଲସ୍ (ଖ) ହରକ୍ୟୁଲେସ (ଗ) ମଦିଆ (ଘ) ଆଗାଷ୍ଟିସ

୩୦.ଗ୍ରାମମଧ୍ୟରେ ଏକ ପରିବାରତ୍ୱର ପରମ୍ପରା ସ୍ୱରୂପ ନିମ୍ନଲିଖିତ ମଧ୍ୟରୁ କେଉଁ ଉକ୍ତିଟି ଗ୍ରହଣୀୟ ଲେଖ ।

(କ) ଲୋକଙ୍କୁ ଡାକିଆଣି ମନବୋଧ ଚଉତିଶା ଆଦି ବ୍ୟାଖ୍ୟା ଶୁଣାଇବା

(ଖ) ରଜ ପ୍ରଭୃତି ବିଭିନ୍ନ ପର୍ବ ମିଳିମିଶି ପାଳନ କରିବା

(ଗ) ଗ୍ରାମରେ ଜାତିବର୍ଣ୍ଣ ନିର୍ବିଶେଷରେ ଭାଇ,ଭଉଣୀ, କକାଖୁଡି ଆଦି ଭାବରେ ସଂପର୍କ ରଖିବା

(ଘ) ପିଣ୍ଡାରେ ବସି ଆସୁଥିବା ଅତିଥିମାନଙ୍କୁ କୁଶଳ ଜିଜ୍ଞାସା କରିବା

ଜନ୍ମଭୂମି- ଉତ୍ତର ପର୍ଯ୍ୟାୟ

୧.କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ୨.ପ୍ରବନ୍ଧ ମାନସ ୩.ମୋ ସମୟର ଓଡିଶା ୪.ପଲ୍ଲୀଗ୍ରାମ

୫.ରୂପ-ରସ-ଗନ୍ଧ-ସ୍ପର୍ଶ ୬.ଫଳ-ପୁଷ୍ପ-ଶାକ-ତଣ୍ଡୁଳ ୭.ଭଗ୍ନୀ ୮.ସୂର୍ଯ୍ୟ

୯.ଶୁଷ୍କ ତୃଣ ୧୦.ନୈତିକ ୧୧.ଜାତିସ୍ମର ୧୨.ପୁନର୍ଜନ୍ମ ୧୩.ମାନବିକତାକୁ

୧୪.ଜାତୀୟତା ୧୫.ମାନବିକତା ୧୬.କିଛିକାଳ ଅବସ୍ଥାନ କରିବା

୧୭.ଯଥାସାଧ୍ୟ ଅର୍ଥଦାନ ୧୮.ଏକ ପରିବାରତ୍ୱ ୧୯.ମଧୁର ୨୦.ଗ୍ରାମମୁଣ୍ଡରେ

୨୧.ମଝିରେ ୨୨.ରାଜନୈତିକ ମତବାଦ ୨୩.ସ୍ୱାର୍ଥର ୨୪.ଜ୍ୟେଷ୍ଠ ୨୫.ଭୌତିକ

୨୬.ନେକ୍ ଟାଇ ୨୭.ଶିକ୍ଷିତ ସନ୍ତାନମାନଙ୍କୁ ୨୮.ମୟୂରର ୨୯.ଏଟଲାସ

୩୦.ଗ୍ରାମରେ ଜାତିବର୍ଣ୍ଣ ନିର୍ବିଶେଷରେ ଭାଇ,ଭଉଣୀ,କାକାଖୁଡି ଆଦି ଭାବରେ ସଂପର୍କ ରଖିବା ।

# ସଭ୍ୟତା ଓ ବିଜ୍ଞାନ

ସଠିକ୍ ବିକଳ୍ପଟିକୁ ଚୟନ କରି ଉତ୍ତର ଲେଖ ।

୧- 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟିର ପ୍ରାବନ୍ଧିକ କିଏ ?

କ) ଗୋପାଳ ଚନ୍ଦ୍ର ପ୍ରହରାଜ	ଗ) ବଂଶୀଧର ସାମନ୍ତରାୟ

ଖ) ଶରତ କୁମାର ମହାନ୍ତି	ଘ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୨- 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି ୧୯୪୨ ସାଲରେ କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା ?

କ) ଉତ୍କଳ ଦୀପିକା	ଗ) ଉତ୍କଳ ହିତୈଷିଣୀ

ଖ) ଉତ୍କଳ ସାହିତ୍ୟ	ଘ) ଉତ୍କଳ ଦର୍ପଣ

୩- 'ଆୟୁର୍ବେଦ' ଶବ୍ଦଟିର କେଉଁଟି ସଠିକ ସନ୍ଧିବିଚ୍ଛେଦ ରୂପ ?

କ) ଆୟୁ + ବେଦ	ଗ) ଆୟୁ + ନିର୍ବେଦ

ଖ) ଆୟୁର + ଅବେଦ	ଘ) ଆୟୁଃ + ବେଦ

୪- ଶୁଦ୍ଧ ଶବ୍ଦଟିକୁ ଚୟନ କର ।

କ) ସଂଶ୍ଲିଷ୍ଟ	ଖ) ଶଂଶ୍ଲିଷ୍ଟ	ଗ) ଷଣଶ୍ଲିଷ୍ଟ	ଘ) ସଂଷ୍ଲିଷ୍ଟ

୫- 'ସର୍ବାଙ୍ଗୀନ' ଶବ୍ଦଟିର  ପ୍ରତ୍ୟୟ ନିର୍ଣ୍ଣୟ କର ।

କ) ଅନୀୟ ପ୍ରତ୍ୟୟ	ଗ) ଇନ ପ୍ରତ୍ୟୟ

ଖ) ଇୟ ପ୍ରତ୍ୟୟ	ଘ) ଅ ପ୍ରତ୍ୟୟ

୬- ଭାରତର ବୈଶିଷ୍ଟ୍ୟ କ'ଣ ?

କ) ତା'ର ସ୍ୱାର୍ଥପରତା	ଗ) ତା'ର ଦୟାଶୀଳତା

ଖ) ତା'ର ପରଶ୍ରୀକାତରତା	ଘ) ତା'ର ଆଧାତ୍ମିକତା

୭- ଯେ କୌଣସି ବିଷୟରେ ସମ୍ୟକ ଜ୍ଞାନକୁ କ'ଣ କୁହାଯାଏ ?

କ) ଅଜ୍ଞାନ	ଖ) ବିଜ୍ଞାନ	ଗ) ସାଧାରଣ ଜ୍ଞାନ	ଘ) ସର୍ବଜ୍ଞାନ

୮- ପ୍ରାଚୀନ ରୋମୀୟ ଓ ଗ୍ରୀସୀୟ ସଭ୍ୟତାର ଆଦର୍ଶ କ'ଣ ?

କ) ତ୍ୟାଗ	ଖ) ଭୋଗ	ଗ) ଉପକାର	ଘ) ଅପକାର

୯- ଭାରତୀୟମାନେ ସର୍ବବିଧ ଜଞ୍ଜାଳକୁ କାହାର ହେତୁ ବୋଲି ଭାବୁଥିଲେ ?

କ) ସମ୍ପଦର	ଖ) ବିଷୟର	ଗ) ଶରୀରର	ଘ) ବିପଦର

୧୦- ମାନବ ଯେଉଁ ବୈଷୟିକ , ଶାରୀରିକ , ମାନସିକ ଓ ନୈତିକ ଉନ୍ନତି କରିଥାଏ ଆମେ ତାକୁ କ'ଣ ଆଖ୍ୟା ଦେଇଥାଉ ?

କ) ସଂସ୍କୃତି ଖ) ସଭ୍ୟତା ଗ) ବିକାଶ ଘ) ଅବନତି

୧୧- କେଉଁମାନେ ସଭ୍ୟତାର ଲକ୍ଷ୍ୟସ୍ଥଳରେ ଉପନୀତ ହୋଇ ପାରିଥିଲେ ?

କ) ଗ୍ରୀକମାନେ ଖ) ମିଶରୀୟମାନେ ଗ) ରୋମୀୟମାନେ ଘ) ହିନ୍ଦୁମାନେ

୧୨- ଜଡବିଜ୍ଞାନ ମୂଳରେ କ'ଣ ନିହିତ ଅଛି ?

କ) ପଦାର୍ଥ ବିଜ୍ଞାନ ଖ) ରସାୟନ ବିଜ୍ଞାନ ଗ) ଜୀବ ବିଜ୍ଞାନ ଘ) ଗଣିତ ଶାସ୍ତ୍ର

୧୩- ତ୍ୟାଗମାର୍ଗରେ ଦୀକ୍ଷିତ ହୋଇ ଯେତେବେଳେ ସେ ବିଷୟର ମାଲିକ ହୁଏ , ସେତେବେଳେ କେଉଁମାନଙ୍କଠାରୁ ତା'ର ପଥ ସଂପୂର୍ଣ୍ଣ ପୃଥକ ହୋଇଯାଏ ?

କ) ସମାଜରୁ ଖ) ନିଜ ଜାତିଠାରୁ ଗ) ସମସ୍ତଙ୍କଠାରୁ ଘ) ଭୋଗମାର୍ଗଗାମୀ ଜାତିଠାରୁ

୧୪- କେଉଁ ଶାସ୍ତ୍ର ବଳରେ ପ୍ରତ୍ୟେକ ପଦାର୍ଥ ଅନ୍ୟ ସହିତ ସମ୍ବନ୍ଧ ସ୍ଥାପନ କରିବାରେ କ୍ଷମ ହୋଇଥାଏ ?

କ) ଜଡ ବିଜ୍ଞାନ ଖ) ଜୀବ ବିଜ୍ଞାନ ଗ) ଗଣିତ ଘ) ତର୍କଶାସ୍ତ୍ର

୧୫- ମାନବ ଦିନେ ଜୀବନ୍ତ ପଦାର୍ଥ ସୃଷ୍ଟି କରିବାରେ ସକ୍ଷମ ହୋଇପାରିବ ବୋଲି କେଉଁମାନେ ମତବ୍ୟକ୍ତ କରିଛନ୍ତି ?

କ) ଐତିହାସିକମାନେ ଗ) ଭୌଗୋଳିକମାନେ

ଖ) ସାହିତ୍ୟିକମାନେ ଘ) ଚିନ୍ତାଶୀଳ ମନୀଷୀମାନେ

୧୬- ଜୀବବିଜ୍ଞାନ ଚର୍ଚ୍ଚାରୁ କାହାର ସନ୍ଧାନ ମିଳିଥାଏ ?

କ) ପୃଥିବୀର ଗଠନ ବିଷୟରେ

ଖ) ସୌରଜଗତ ବିଷୟରେ

ଗ) ପ୍ରକୃତି ସଂପର୍କରେ

ଘ) ପ୍ରାଣୀର ବିଭିନ୍ନ ଗଠନ, ପ୍ରକ୍ରିୟା ତଥା ଜୀବନୀ ଶକ୍ତିର ଅଧିକାରୀ ସଂପର୍କରେ

୧୭-କେଉଁମାନଙ୍କୁ ପଞ୍ଚଭୂତ କୁହାଯାଏ ?

କ) ଇନ୍ଦ୍ର, ଚନ୍ଦ୍ର , ତାରା, ସୂର୍ଯ୍ୟ , ଶକ୍ତି ଗ) କ୍ଷିତ୍ , ଅପ୍ , ତେଜ୍ , ମରୁତ , ବ୍ୟୋମ

ଖ) ନେତ୍ର , ନାସିକା , କର୍ଣ୍ଣ , ଜିହ୍ୱା , ତ୍ୱଚା ଘ) ଜ୍ଞାନ, ବିଜ୍ଞାନ, ଅଜ୍ଞାନ , ସୁଜ୍ଞାନ , ସର୍ବଜ୍ଞାନ

୧୮- କାହାର ସମ୍ମିଶ୍ରଣ ଓ ସହଯୋଗିତାରୁ ଆମ୍ଭେମାନେ ଜ୍ଞାନର ସୀମାକୁ ବିସ୍ତୃତ କରିପାରିଛୁ ?

କ) ଗଣିତ ଓ ବିଜ୍ଞାନର ଗ) ଜଡ ଓ ଜୀବ ବିଜ୍ଞାନର

ଖ) ବିଜ୍ଞାନ ଓ ଭୂଗୋଳର ଘ) ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନର

୧୯) ଗେଙ୍ଗୁଟି ପଥରରେ ପାଣି ଢାଳିଲେ ତହିଁରୁ ବାହାରୁଥିବା ଉତ୍ତାପ କାହାର ଏକ ଅବସ୍ଥା ମାତ୍ର ?

କ) ପଥରର ଖ) ଶକ୍ତିର ଗ) ଆଲୋକର ଘ) ଅଙ୍ଗାରକାମ୍ଳ ବାଷ୍ପର

୨୦) ବିଜ୍ଞାନର କେତେକ ଆଶ୍ଚର୍ଯ୍ୟଜନକ ପଦାର୍ଥ ବଳରେ ଯେଉଁ ଧ୍ୱଂସ ସାଧିତ ହେଉଅଛି , ତାହା କାହାର ଦୋଷ ନୁହେଁ ?

କ) ମାନବର ଖ) ବିଜ୍ଞାନର ଗ) ଉଦ୍ଭାବନର ଘ) ସଭ୍ୟତାର

୨୧) କେତେବେଳେ ମୈତ୍ରୀର ଧ୍ୱଜା ଉଡିବ ?

କ) ଯେତେବେଳେ ବିଜ୍ଞାନର ଉନ୍ନତି ହେବ

ଖ) ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ସମସ୍ତେ ଜାଣିବେ

ଗ) ଯେତେବେଳେ ଈଶ୍ୱର ବିଶ୍ୱାସ ସୃଷ୍ଟି ହେବ

ଘ) ଯେତେବେଳେ ଅନର୍ଥ ସୃଷ୍ଟି ହେବ

୨୨) ବର୍ତ୍ତମାନର ସଭ୍ୟତା କେଉଁ ପଥରେ ଅବସ୍ଥିତ ?

କ) ଧର୍ମ ପଥରେ ଖ) ଅଧର୍ମ ପଥରେ ଗ) ଗତିପଥରେ ଘ) ନିଜ ସ୍ଥାନରେ

୨୩) ପ୍ରାଚୀନ ସଭ୍ୟତା କାହାକୁ ପଥପ୍ରଦର୍ଶକ ଭାବେ ଧରି ନେଇଥିଲା ?

କ) ବେଦକୁ ଖ) ଉପନିଷଦକୁ ଗ) ଦର୍ଶନକୁ ଘ) ବିଜ୍ଞାନକୁ

୨୪) ବିରାଟ ସାଗର ଆଜି କ'ଣ ହୋଇନାହିଁ ?

କ) ଅତ୍ୟୁଚ୍ଚ ଖ) ଦୁର୍ଲଂଘ୍ୟ ଗ) ଦୁରୂହ ଘ) ଦୁଃସାଧ୍ୟ

୨୫) ବିଷୟ ଜଞ୍ଜାଳ ପରିବେଷ୍ଟିତ ଗୃହସ୍ଥ କାହା ସହିତ ସଂଶ୍ଳିଷ୍ଟ ନ ଥିଲା ?

କ) ସଭ୍ୟତା ସହିତ ଗ) ସ୍ୱାର୍ଥ ସହିତ

ଖ) ସଂସ୍କୃତି ସହିତ ଘ) ଯାବତୀୟ ପାରିପାର୍ଶ୍ୱିକ ପଦାର୍ଥ ସହିତ

୨୬) କେଉଁ ବିଜ୍ଞାନ, ପଦାର୍ଥ ଓ ରସାୟନ ବିଜ୍ଞାନ ଭେଦରେ ଦୁଇ ଭାଗରେ ବିଭକ୍ତ ?

କ) ଜୀବ ବିଜ୍ଞାନ ଖ) ଜଡ ବିଜ୍ଞାନ ଗ) ପ୍ରାଣୀବିଜ୍ଞାନ ଘ) ସାଧାରଣ ବିଜ୍ଞାନ

୨୭) ବର୍ତ୍ତମାନ ପୃଥିବୀରେ ସଭ୍ୟତାର ଆଦର୍ଶ କ'ଣ ?

କ) ମାନବର ବୈଷୟିକ ଉନ୍ନତି ସାଧନ ଗ) ମାନବର ଶାରୀରିକ ଉନ୍ନତି ସାଧନ

ଖ) ମାନବର ସର୍ବାଙ୍ଗୀନ ଉନ୍ନତି ସାଧନ ଘ) ମାନବର ନୈତିକ ଉନ୍ନତି ସାଧନ

୨୮) ବିଜ୍ଞାନ ବଳରେ ଆମ୍ଭେମାନେ କାହାର ଉଚ୍ଚତମ ସୋପାନ ଆରୋହଣ କରିବାକୁ ଚେଷ୍ଟା କରୁଅଛୁ ?

କ) ସଭ୍ୟତାର ଖ) ସମାଜର ଗ) ପର୍ବତର ଘ) ଆଧୁନିକତାର

୨୯) ବର୍ତ୍ତମାନ ବୈଜ୍ଞାନିକମାନେ କେଉଁ ପଦାର୍ଥ ସୃଷ୍ଟି କରି ପାରି ନାହାନ୍ତି ?

କ) ଜୀବନ୍ତ ପଦାର୍ଥର ଗ) ଆବଶ୍ୟକ ପଦାର୍ଥର

ଖ) ସକଳ ପଦାର୍ଥର ଘ) ଜଡ ପଦାର୍ଥର

୩୦) ଜୀବନ କାହାର ଏକ ଅବସ୍ଥା ବିଶେଷ ?

କ) ଆଲୋକର ଖ) ଉତ୍ତାପର ଗ) ଶକ୍ତିର ଘ) ଜୀବନ୍ତର

୩୧) କାହା ସାହାଯ୍ୟରେ ତୁଙ୍ଗ ଗିରି ଫଟାଇ ଈପ୍ସିତ କାର୍ଯ୍ୟ କରାଯାଇପାରୁଛି ?

କ) ଡିନାମାଇଟ ନାମକ ବିସ୍ଫୋରକ ସାହାଯ୍ୟରେ

ଖ) ମାରାତ୍ମକ ଗ୍ୟାସ ବଳରେ

ଗ) ବାରୁଦ ନାମକ ବିସ୍ଫୋରକ ବଳରେ

ଘ) ତେଜସ୍କ୍ରିୟ ପଦାର୍ଥ ବଳରେ

୩୨) କେତେବେଳ ପର୍ଯ୍ୟନ୍ତ ଆମ୍ଭେମାନେ ସଭ୍ୟତାର ଶେଷ ଉନ୍ନତିରେ ପହଞ୍ଚି ପାରିବା ନାହିଁ ?

କ) ନିଜର ଭୁଲ ନ ବୁଝିବା ପର୍ଯ୍ୟନ୍ତ ଗ) ରୋଗର ଜୀବାଣୁ ନଷ୍ଟ ନ ହେବା ପର୍ଯ୍ୟନ୍ତ

ଖ) ଆବିଷ୍କାର ନ ହେବା ପର୍ଯ୍ୟନ୍ତ ଘ) ବିଜ୍ଞାନର ଚରମ ଉନ୍ନତି ନ ହେବା ପର୍ଯ୍ୟନ୍ତ

୩୩) କେଉଁଥିରେ ପାଣି ଢାଳିଲେ ତହିଁରୁ ଚୂନ, ଅଙ୍ଗାରକାମ୍ଳ ବାଷ୍ପ ଓ ଉତ୍ତାପ ବାହାରେ ?

କ) ଗେଙ୍ଗୁଟି ପଥରରେ ଗ) ଯେ କୌଣସି ପଥରରେ

ଖ) ମାଟିରେ ଘ) ଚୂନରେ

୩୪) ଜୀବନ୍ତର ଶରୀର କେଉଁଥିରେ ଗଠିତ ?

କ) ବିଭିନ୍ନ ଉପାଦାନରେ ଗ) କେବଳ ବିଭିନ୍ନ ଜଡ ଉପାଦାନରେ

ଖ) ବିଭିନ୍ନ ଜୀବନ୍ତ ଉପାଦାନରେ ଘ) ଜଡ ଓ ଜୀବନ୍ତ ଉପାଦାନରେ

୩୫) ଆଧୁନିକ ସଭ୍ୟତାର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆମ୍ଭେମାନେ କାହାକୁ ଅବଲମ୍ବନ କରିଥାଉ ?

କ) ସାହିତ୍ୟକୁ ଖ) ଦର୍ଶନଶାସ୍ତ୍ରକୁ ଗ) ଇତିହାସକୁ ଘ) ବିଜ୍ଞାନକୁ

**ସଭ୍ୟତା ଓ ବିଜ୍ଞାନ  (ଉତ୍ତର ମାଳା)**

୧-ଗ) ବଂଶୀଧର ସାମନ୍ତରାୟ    ୨-ଖ) ଉତ୍କଳ ସାହିତ୍ୟ    ୩-ଘ) ଆୟୁଃ+ବେଦ

୪-କ) ସଂଶ୍ଳିଷ୍ଟ    ୫-ଗ) ଇନ ପ୍ରତ୍ୟୟ    ୬-ଘ)  ତା'ର ଆଧ୍ୟାତ୍ମିକତା

୭-ଖ) ବିଜ୍ଞାନ    ୮-ଖ) ଭୋଗ    ୯-ଘ) ବିପଦର    ୧୦-ଖ) ସଭ୍ୟତା

୧୧-ଘ) ହିନ୍ଦୁମାନେ    ୧୨-ଘ) ଗଣିତ ଶାସ୍ତ୍ର    ୧୩-ଘ) ଭୋଗମାର୍ଗଗାମୀ ଜାତିଠାରୁ

୧୪-କ) ଜଡ ବିଜ୍ଞାନ    ୧୫- ଘ) ଚିନ୍ତାଶୀଳ ମନୀଷୀମାନେ

୧୬-ଘ) ପ୍ରାଣୀର ବିଭିନ୍ନ ଗଠନ , ପ୍ରକ୍ରିୟା ତଥା ଜୀବନଶକ୍ତିର ଅଧିକାରୀ ହେବା ସଂପର୍କରେ

୧୭-ଗ) କ୍ଷୀତ୍ ,ଅପ୍ , ତେଜ , ମରୁତ୍ ଓ ବ୍ୟୋମ    ୧୮-ଘ) ଜଡ ଓ ଜୀବ ବିଜ୍ଞାନର

୧୯-ଖ) ଶକ୍ତିର    ୨୦-ଗ) ବିଜ୍ଞାନର

୨୧-ଖ) ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ସମସ୍ତେ ଜାଣିବେ

୨୨-ଗ) ଗତିପଥରେ    ୨୩-ଘ) ବିଜ୍ଞାନକୁ    ୨୪-ଖ) ଦୁର୍ଲଙ୍ଘ୍ୟ

୨୫-ଘ) ଯାବତୀୟ ପରିପାର୍ଶ୍ୱିକ ପଦାର୍ଥ ସହିତ    ୨୬-ଖ) ଜଡ ବିଜ୍ଞାନ

୨୭-ଖ) ମାନବର ସର୍ବାଙ୍ଗୀନ ଉନ୍ନତି ସାଧନ    ୨୮-କ) ସଭ୍ୟତାର

୨୯-କ) ଜୀବନ୍ତ ପଦାର୍ଥର    ୩୦-ଗ) ଶକ୍ତିର

୩୧-କ) ଡିନାମାଇଟ୍ ନାମକ ବିସ୍ଫୋରକ ସାହାଯ୍ୟରେ

୩୨-ଘ) ବିଜ୍ଞାନର ଚରମ ଉନ୍ନତି ନ ହେବା ପର୍ଯ୍ୟନ୍ତ

୩୩-କ) ଗେଙ୍ଗୁଟି ପଥରରେ    ୩୪-ଗ) କେବଳ ବିଭିନ୍ନ ଜଡ ଉପାଦାନରେ ଗଠିତ

୩୫-ଘ) ବିଜ୍ଞାନକୁ

**************

## ଭୀମଙ୍କ ସିଂଘନାଦ ରଡି

### ସଠିକ୍ ଉତ୍ତର ବାଛିଲେଖ

୧) ଆଦିକବି ସାରଳା ଦାସ କେଉଁ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ?
(କ) ଅଷ୍ଟାଦଶ ଶତାବ୍ଦୀ (ଗ) ଦ୍ୱାଦଶ ଶତାବ୍ଦୀ
(ଖ) ସପ୍ତାଦଶ ଶତାବ୍ଦୀ (ଘ) ପଞ୍ଚଦଶ ଶତାବ୍ଦୀ

୨) ସାରଳା ଦାସ କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?
(କ) ଜଗତ୍‌ସିଂହପୁର (ଖ) ଖୋର୍ଦ୍ଧା (ଗ) କେନ୍ଦ୍ରାପଡା (ଘ) ସମ୍ବଲପୁର

୩) ସାରଳା ଦାସଙ୍କର ପିତୃଦତ୍ତ ନାମ କ'ଣ ଥିଲା ?
(କ) ହରିପ୍ରସାଦ (ଖ) ସିଦ୍ଧେଶ୍ୱର ପରିଡା (ଗ) ବୈରାଗୀଚରଣ (ଘ) କାଳୀପ୍ରସାଦ

୪) କବିସାରଳା ଦାସ କେଉଁ ରାଜାଙ୍କର ସମକାଳୀନ ଥିଲେ ?
(କ) ପୁରୁଷୋତ୍ତମଦେବ (ଖ) ଅଶୋକ (ଗ) କପିଳେନ୍ଦ୍ର ଦେବ (ଘ) ମୁକୁନ୍ଦଦେବ

୫) କେଉଁ ଦେବୀଙ୍କୁ ଆ|ରାଧନା କରିସାରଳା ଦାସ କବିତ୍ୱ ଲାଭକରିଥିଲେ ?
(କ) ସାରଳା (ଖ) ମଙ୍ଗଳା (ଗ) ବିରଜା (ଘ) ତାରିଣୀ

୬) "ଭୀମଙ୍କ ସିଂଘନାଦ ରଡି' କବିତାଟି ମହାଭାରତର କେଉଁ ପର୍ବରୁ ଆନୀତ ?
(କ) କାଇଁଶିକା ପର୍ବ (ଖ) ଗଦାପର୍ବ (ଗ) ଆଦିପର୍ବ (ଘ) ବନପର୍ବ

୭) ବ୍ୟାସସରୋବରରେ ଆତ୍ମଗୋପନ କରିବା ପାଇଁ ଦୁର୍ଯ୍ୟୋଧନଙ୍କୁ କିଏ ପରାମର୍ଶ ଦେଇଥିଲେ ?
(କ) ବଶିଷ୍ଠ (ଖ) ବିଶ୍ୱାମିତ୍ର (ଗ) ଦୁର୍ବାସା (ଘ) କଶ୍ୟପ

୮) ଶିବଙ୍କ ଠାରୁସିଂଘନାଦ ପ୍ରାପ୍ତ କରିବା ପାଇଁ କିଏ କହିଥିଲେ ?
(କ) ଯୁଧିଷ୍ଠିର (ଖ) ଅର୍ଜୁନ (ଗ) ନକୁଳ (ଘ) ସହଦେବ

୯) ବିଶ୍ୱନାଥ କିଏ ?
(କ) ମହାଦେବ (ଖ) ରାମଚନ୍ଦ୍ର (ଗ) ଗଣେଶ (ଘ) ଶ୍ରୀକୃଷ୍ଣ

୧୦) ଭୀମଙ୍କୁ ସିଂଘନାଦ ଦେବା ସମୟରେ ଶିବ କାହା ସହିତ ପରାମର୍ଶ କରିଥିଲେ ?
(କ) ଲକ୍ଷ୍ମୀ (ଖ) ପାର୍ବତୀ (ଗ) ସରସ୍ୱତୀ (ଘ) ଦୁର୍ଗା

୧୧) ଭୀମ କେଉଁ ପର୍ବତକୁ ଉଦ୍ଧାର କରିଥିଲେ ?

(କ) ବିନ୍ଧ୍ୟ (ଖ) ହିମାଳୟ (ଗ) ଗନ୍ଧମାର୍ଦ୍ଦନ (ଘ) କପିଳାସ

୧୨) ମହାଦେବ ବିପଦରେ ପଡିଥିବା ସମୟରେ କିଏ ଉଦ୍ଧାର କରିଥିଲେ ?

(କ) ଦୁର୍ଯ୍ୟୋଧନ (ଖ) ଭୀମ (ଗ) ନକୁଳ (ଘ) ଶ୍ରୀକୃଷ୍ଣ

୧୩) ସିଂଘନାଦର ଜ୍ୟୋତିକୁ କାହା ସହିତ ତୁଳନା କରାଯାଇଛି ?

(କ) ଚନ୍ଦ୍ର (ଖ) ତାରା (ଗ) ଅଗ୍ନି (ଘ) ଆଦିତ୍ୟ

୧୪) ଆକାଶ ପଥରେ ଆସି ସିଂଘନାଦ କେଉଁଠାରେ ପ୍ରବେଶ କଲା ?

(କ) ନଦୀ ତୀରରେ (ଗ) ବ୍ୟାସସରୋବର ତୀରରେ

